ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.240 Bhubaneswar Saturday November 12 2022 ୨୫ତମ ବର୍ଷ ସଂଖ୍ୟା-୨୪୦ ଭୁବନେଶ୍ୱର, ଶନିବାର, ନଭେମ୍ବର ୧୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

ଜେଜେ ମା' ମୋ ରୋଲ୍ ମଡେଲ୍

ଭୁବନେଶ୍ୱର,୧୧।୧୧(ପି.ଏନ): ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ନୂଆଦିଲ୍ଲୀ ଫେରି ଯାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ହେଲେ ତା' ପୂର୍ବରୁ ଆଜି ନିଜ ସ୍କୁଲ(ୟୁନିଟ୍-୨ କ୍ୟାପିଟାଲ ଗ୍ୟାଲ୍ସ ହାଇସ୍କୁଲ) ଓ ହଷ୍ଟେଲ୍ ବୁଲି ପୁରୁଣା ସ୍ମୃତି ସାଉଁଟିଛନ୍ତି। ସ୍କୁଲ ବେଳର ସାଙ୍ଗମାନଙ୍କୁ ଭେଟି ସୁଖଦୁଃଖ ହୋଇଛନ୍ତି। ଏଥିସହ ତପୋବନ ହାଇସ୍କୁଲ ଯାଇ ଛାତ୍ରଛାତ୍ରୀଙ୍କ ଭାବ ବିନିମୟ ବେଳେ ଜେଜେ ମାଙ୍କୁ ନିଜ ରୋଲ୍ ମଡେଲ୍ କହିଛନ୍ତି।ସେପଟେ ରାଷ୍ଟ୍ରପତିଙ୍କୁ ନିକଟରେ ପାଇ କେଉଁଠି ଛାତ୍ରଛାତ୍ରୀ ଖୁସିରେ ବିଭୋର ତ, ଆଉ କେଉଁଠି ନିଜ ରାଷ୍ଟ୍ରପତି ବାନ୍ଧବୀଙ୍କୁ ଭେଟିବା ଖୁସିରେ ମହିଳାମାନେ ଗଦ୍?ଗଦ୍। ଦିନେ ଯେଉଁ ସ୍କୁଲରେ ପଢ଼ିଥିଲେ, ବଢ଼ିଥିଲେ, ଖେଳ କୁଦରେ ବହୁ ଘଣ୍ଟାର ସମୟ ବିତେଇଥିଲେ, ସେ ଆଜି ରାଷ୍ଟ୍ରପତି ହୋଇ ସେହି ସ୍କୁଲକୁ, ସେଇ ହଷ୍ଟେକୁ ଆଜି ଆସିଥିଲେ। ଆଜି ଏହି ସ୍କୁଲ ସାଜସଜ୍ଜାରେ ହସୁଥିଲା।ସକାଳ ପ୍ରାୟ ୯ଟା ୩୦ରେ ନିଜ ବିଦ୍ୟାଳୟ ଭିତରକୁ ରାଷ୍ଟ୍ରପତିଙ୍କ କାରକେଡ୍ ପଶିଥିଲା। ଗାଡିରୁ ଓହ୍ଲାଇବା ପରେ ରାଷ୍ଟ୍ରପତି ସ୍କୁଲ ଛାତ୍ରୀଙ୍କ ହାତରେ ବାଲୁକା କଳାରେ ନିର୍ମିତ ନିଜ ପ୍ରତିକୃତିକୁ ଦେଖି ବିଭୋର ହୋଇଯାଇଥିଲେ। ରାଷ୍ଟ୍ରପତି ଖୁସିରେ ସେଇଠି ଆଗ ପିଲାଙ୍କ ସହ ଫଟୋ ପୋଜ୍ ଦେଇଥିଲେ। ଆଗକୁ ବଢୁ ବଢୁ ଆଖି ସାମ୍ନାକୁ ଆସି ଯାଇଥିଲେ ରାଷ୍ଟ୍ରପତିଙ୍କ ୧୨ ସହପାଠିନୀ ବନ୍ଧୁ। ଖୁସି କହିଲେ ନସରେ। ରାଷ୍ଟ୍ରପତି କିଛି ସମୟର ଭାବ ବିନିମୟରେ କୁଣ୍ଢେମୋଟ ସାଙ୍ଗଙ୍କ ଛାତି।ଏହା ପରେ ସମୟ ଥିଲା ସ୍କୁଲର ଗର୍ବ ଗୌରବ ରାଷ୍ଟ୍ରପତିଙ୍କ ସମ୍ବର୍ଦ୍ଧନା ସଭାର। ମଂଚ୍‌ରେ ଛାତ୍ରୀଙ୍କ ସାନ୍ତାଳୀ ନାଚ୍ ଦେଖିଲେ। ପାଖକୁ ଡାକି ସେମାନଙ୍କ ସହ କଥା ହେଲେ। ଫଟୋ ଉଠେଇଲେ। ସ୍ୱପ୍ନ ବଡ଼ କରିବାକୁ ମନ୍ତ୍ର ଦେଲେ । ଦେଶର ସର୍ବୋଚ୍‌ଚ୍ ପଦଧାରୀଙ୍କ ଏଭଳି ଅମାୟିକ ସାନିଧ୍ୟରେ କୃତ୍ୟ କୃତ୍ୟ କୁନି ଛାତ୍ରଛାତ୍ରୀ।ପରେ ରାଷ୍ଟ୍ରପତି ଯାଇଥିଲେ ୭୦ ଦଶକରେ କୁନ୍ତଳା କୁମାରୀ ସାବତ ହଷ୍ଟେଲ୍?। ଯେଉଁ ଖଟରେ ଦିନେ ସେ ଛାତ୍ରୀ ଜୀବନ କଟିଥିଲେ। ସେଇ ଖଟରେ କିଛିକ୍ଷଣ ବସିଲେ। କାନ୍ଥରେ ଲାଗିଥିବା ଘନିଷ୍ଠ ଦୁଇ ସାଙ୍ଗଙ୍କ ସହ ନିଜ ଫଟୋକୁ ଦେଖି ପିଲାଦିନ ଖୋଜିଲେ। କ୍ଷଣିକ ପାଇଁ ଭାବ ବିହ୍ୱଳ ହୋଇପଡିଥିଲେ।ଶେଷରେ ହଷ୍ଟେଲ୍ ପରିସରରେ ସ୍ମୃତିର ଗଛ ଲଗାଇ ଫେରିଲା ବେଳକୁ ଭିଜିଟର ବୁକ୍?ରେ ନିଜର ଅନୁଭୂତି ଲେଖିଥିଲେ ରାଷ୍ଟ୍ରପତି।ନିଜ ସ୍କୁଲକୁ ଯିବା ପୂର୍ବରୁ ଖଣ୍ଡଗିରି ସ୍ଥିତ ତପୋବନ ହାଇସ୍କୁଲ ଯାଇ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ ରାଷ୍ଟ୍ରପତି। ଛାତ୍ରଛାତ୍ରୀଙ୍କ ସହ ନିଜ ଛାତ୍ରୀ ଜୀବନର ଅନୁଭୂତି ବାଣ୍ଟିବା ସହ ସଫଳତା ପାଇଁ ଲକ୍ଷ୍ୟ ମୁତାବକ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ଛାତ୍ରୀଙ୍କ ପ୍ରଶ୍ନର ଉତ୍ତରରେ, ତାଙ୍କ ପାଇଁ ତାଙ୍କ ଜେଜେ ମା ରୋଲ୍ ମଡେଲ୍ ବୋଲି କହିଥିଲେ।ପରେ ବିଜୁ ପଟ୍ଟନାୟକ ବିମାନବନ୍ଦର ଅଭିମୁଖେ ବାହାରି ଯାଇଥିଲେ। ଦୁଇ ଦିନିଆ ଓଡ଼ିଶା ଗସ୍ତ ସାରି ନୂଆଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବା ବେଳେ ବିମାନବନ୍ଦରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଡିଜିପି ସୁନୀଲ ବଂଶଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଦିନ ପ୍ରାୟ ୧ଟାରେ ରାଷ୍ଟ୍ରପତିଙ୍କୁ ନେଇ ବାୟୁସେନାର ସ୍ୱତନ୍ତ୍ର ରାଜହଂସ ବିମାନ ଦିଲ୍ଲୀ ଅଭିମୁଖେ ଚାଲି ଯାଇଥିଲା।

ନିଜ ସ୍କୁଲରେ ପହଂଚିବା ପରେ ଭାବବିହ୍ୱଳ ହେଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୧।୧୧(ପି.ଏନ): ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ନିଜେ ପାଠ ପଢିଥିବା ସ୍କୁଲରେ ପହଂଚି ବେଶ୍ ଭାବବିହ୍ୱଳ ହୋଇପଡିଥିଲେ ରାଷ୍ଟ୍ରପତି। ସେ ତାଙ୍କର ହଷ୍ଟେଲରେ ଥିବା ରେଜିଷ୍ଟରରେ ଏହାର ଉଲ୍ଲେଖ କରିଛନ୍ତି । ସେ ରେଜିଷ୍ଟରରେ ଲେଖିଛନ୍ତି ଯେ - ଆଜି କୁନ୍ତଳା କୁମାରୀ ସାବତ ଆଦିବାସୀ ଛାତ୍ରୀ ନିବାସ ପରିଦର୍ଶନ କରି ମୁ ବହୁତ ଖୁସି। ମୋର ଏହି ହଷ୍ଟେଲ ପରିଦର୍ଶନ ମୋ ଛାତ୍ରୀ ଜୀବନ ଅନେକ ଅଭୁଲା ସ୍ମୃତି କୁ ଉଜ୍ଜୀବିତ କରିଛି। ହଷ୍ଟେଲର ଅନ୍ତେବାସିନୀ ଏବଂ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହିତ କଥା ବାର୍ତା ହେବା ସମୟ ରେ ମୁଁ ଭାବ ବିହ୍ୱଳ ହୋଇ ପଡ଼ିଲି। ଶୁଖ ର କଥା ଏଠାରେ ଛାତ୍ରୀ ମାନଙ୍କୁ ଏକ ସୁରକ୍ଷିତ ସ୍ୱଚ୍ଛ ଏବଂ ଘରେଇ ପରିବେଶ ମିଳୁଛି । ମୁଁ ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ବଢିବ ଶୀତ

ଭୁବନେଶ୍ୱର, ୧୧।୧୧ (ପି.ଏନ): ରାଜ୍ୟରେ ବଢିବ ଶୀତ। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ରାତ୍ରି ତାପମାତ୍ରା ୩ ରୁ ୪ ଡ଼ିଗ୍ରୀ ଯାଏଁ ତଳକୁ ଖସିବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ଶୀତର ପରିମାଣ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର।

ତପୋବନ ହାଇସ୍କୁଲ ପରିଦର୍ଶନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୧୧।୧୧(ପି.ଏନ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ସକାଳେ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ତପୋବନ ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ (ଆଲୁମିନି) ମାନଙ୍କ ସହିତ ପାରସ୍ପରିକ ଆଲୋଚନା ଓ ଭାବ ବିନିମୟକରିଥିଲେ।ଛାତ୍ରଛାତ୍ରୀଙ୍କ ଭାବ ବିନିମୟ ବେଳେ ଶ୍ରୀମତୀ ମୁର୍ମୁ କହିଲେ ଯେ, ସେତେବେଳେ ପରିସ୍ଥିତି ଆମର ଭିନ୍ନ ଥିଲା । ତାଙ୍କର ପ୍ରାଥମିକ ସ୍କୁଲ ରାଇରଙ୍ଗପୁରର 'ଉପରବେଡା' ସ୍କୁଲ ଥିଲା । ସେତେବେଳେ ସ୍କୁଲର ଛାତଘର ନଥିଲା। ଏବେ ତୁମେ ମାନେ ଭାଗ୍ୟବାନ ପିଲା। ବିଭିନ୍ନ ଗାଁରୁ ଆସିଥିବା ପିଲାମାନେ ସୁନ୍ଦର ପରିବେଶ ଥିବା ଏହି ବିଦ୍ୟାଳୟରେ ସବୁ ସୁବିଧା ସୁଯୋଗ ଥାଇ ଏଠାରେ ପାଠ ପଢୁଛ।ନିଜେ ଯେଉଁ ଲକ୍ଷ୍ୟ ରଖି ପାଠ ପଢୁଛ, ସେହି ଲକ୍ଷ୍ୟ ସାଧନ ପାଇଁ ଭଲ ପାଠ ପଢି ଆଗକୁ ବଢିବାକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଛାତ୍ରଛାତ୍ରୀମାନେ ରାଷ୍ଟ୍ରପତିଙ୍କୁ ପ୍ରଶ୍ନ କରିଥିଲେ ଯେ, ଆପଣ ଦିନେ ଶିକ୍ଷୟିତ୍ରୀ ଥିଲେ । ଆପଣ ଆଜି ଏହି ବିଦ୍ୟାଳୟକୁ ଆସିଛନ୍ତି । କିପରି ଅନୁଭବ କରୁଛନ୍ତି ଉତରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଦ୍ୟାଳୟର ପରିବେଶ ଓ ସଂପୂର୍ଣ୍ଣ ଶୈକ୍ଷିକ ବାତାବରଣକୁ ଦେଖି ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ସେ କହିଥିଲେ ଯେ, ତାଙ୍କର ବିଦ୍ୟାଳୟ ପ୍ରତି ଈର୍ଷା ହେଉଛି । ସେ ଆହୁରି ମଧ୍ୟ କହିଥିଲେ ଯେ, ତୁମମାନଙ୍କ ଉପରେ ତୁମ ବାପା ମାଆଙ୍କର ଆଶୀର୍ବାଦ ରହିଛି । ସମସ୍ତଙ୍କ ସୁଖ ଦୁଃଖରେ ସାମିଲ ହେଉଥିବା ତାଙ୍କର ଜେଜେମା, ତାଙ୍କର ରୋଲ ମଡେଲ ଥିଲେ ବୋଲି ପ୍ରକାଶ କରିବା ସହିତ ଭଲ ପାଠ ପଢି ନିଜ ବାପା ମା ଓ ବିଦ୍ୟାଳୟର ସୁନାମ ରଖିବାକୁ ରାଷ୍ଟ୍ରପତି ମହୋଦୟା ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ଆଇନ୍, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ବିଭାଗୀୟ ନିର୍ଦ୍ଦେଶକ ଶୀତାଂଶୁ କୁମାର ରାଉତ, ଖୋର୍ଦ୍ଧା ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ସମେତ ଶିକ୍ଷା ବିଭାଗର ପଦାଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

ପଦ୍ମପୁର ଉପନିର୍ବାଚନ ; ପ୍ରଦୀପ ପୁରୋହିତ ହେବେ ବିଜେପି ପ୍ରାର୍ଥୀ

ଭୁବନେଶ୍ୱର, ୧୧।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନ ଲାଗି ବିଜେପି ପ୍ରାର୍ଥୀ ହେବେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏହି ସୂଚନା ଦେଇଛନ୍ତି। ତେବେ ବିଜେପି ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଆଜି ଅପରାହ୍ନରେ ଦଳ ପ୍ରାର୍ଥୀ ଘୋଷଣା କରିବାର ସମ୍ଭାବନା ରହିଛି। ଅପରପକ୍ଷରେ ଆସନ୍ତା ୧୪ ତାରିଖରେ ବିଜେପି ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ପ୍ରଦୀପ ପୁରୋହିତ ୨୦୧୪ରେ ଏଠାରୁ ବିଜୟୀ ହୋଇଥିଲେ। ସେହିପରି ଉପନିର୍ବାଚନ ପ୍ରାର୍ଥୀ ଘୋଷଣା ସମ୍ପର୍କରେ ବିଜେଡି କିମ୍ବା କଂଗ୍ରେସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଉଲ୍ଲେଖନୀୟ ଯେ ଗତକାଲି ପଦ୍ମପୁର ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନଭେମ୍ବର ୧୭ ତାରିଖରେ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି। ୧୮ ତାରିଖରେ ଯାଂଚ , ୨୧ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଡିସେମ୍ବର ୫ ତାରିଖରେ ଭୋଟ ଗ୍ରହଣ ହେବ। ଡିସେମ୍ବର ୮ ତାରିଖରେ ଭୋଟ୍ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ

ନିଯୁକ୍ତି ପାଇବେ ୭୫୪୦ ଶିକ୍ଷକ ଓ ଶିକ୍ଷୟିତ୍ରୀ

ଭୁବନେଶ୍ୱର ,(ପି.ଏନ): ନିଯୁକ୍ତି ପାଇବେ ୭୫୪୦ ଶିକ୍ଷକ ଓ ଶିକ୍ଷୟିତ୍ରୀ। ରାଜ୍ୟର ୪୮୪୮ଟି ସରକାରୀ ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନିର୍ଦ୍ଦେଶ ଦେଇଛନ୍ତି। ୭୫୪୦ ହାଇସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଓଡିଶା ଷ୍ଟାଫ୍ ସିଲେକ୍‌ସନ କମିଶନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦବୀ ଗୁଡିକ ପୂରଣ ହେବା ପରେ ରାଜ୍ୟର ସମସ୍ତ ୪୮୪୮ଟି ସରକାରୀ ହାଇସ୍କୁଲର ସବୁ ଶିକ୍ଷକ ପଦବୀ ପୂରଣ ହୋଇପାରିବ। ଟିଜିଟି (କଳା), ଟିଜିଟି (ପିସିଏମ୍? ଓ ସିବିଜେଡ୍), ସଂସ୍କୃତ, ହିନ୍ଦି, ଉର୍ଦ୍ଦୁ, ତେଲୁଗୁ ଓ ଶାରୀରିକ ଶିକ୍ଷକ ପଦବୀ ପୂରଣ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ।୨୦୨୧-୨୨ ବର୍ଷରେ କରାଯାଇଥିବା ଦୁଇଟି ଚୟନ ପ୍ରକ୍ରିୟାରେ ୧୩ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇ ବିଭିନ୍ନ ସରକାରୀ ବିଦ୍ୟାଳୟରେ ନିଯୁକ୍ତ କରାଯାଇଥିଲା।ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମରେ ରୂପାନ୍ତର ଆଣିବା ପ୍ରକ୍ରିୟା ଜାରି ରହିଥିବା ବେଳେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ପିଲାମାନଙ୍କ ପାଇଁ ଆଧୁନିକ ଶିକ୍ଷା ବ୍ୟବସ୍ଥା କରାଯାଇଛି। କମ୍ପୁଟର, ଇଣ୍ଟରନେଟଠାରୁ ଆରମ୍ଭ କରି ଇ-ଲାଇବ୍ରେରୀ, ଉନ୍ନତ ଖେଳ ଉପକରଣ ଓ ପଢିଆ ତଥା ଅନ୍ୟାନ୍ୟ ସୁବିଧାର ବିକାଶ କରାଯାଉଛି। ୫-ଟିରେ ନିଯୁକ୍ତି କାର୍ଯ୍ୟକ୍ରମକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି। ବିଭିନ୍ନ ବିଭାଗରେ ଖାଲି ପଦବୀ ଗୁଡିକୁ ସଂପୂର୍ଣ୍ଣ ସ୍ୱଚ୍ଛତାର ସହିତ କ୍ଷୀପ୍ର ଗତିରେ ପୂରଣ କରାଯାଉଛି। ଗତ କିଛି ବର୍ଷ ମଧ୍ୟରେ ବିଭିନ୍ନ ବିଭାଗର ହଜାର ହଜାର ପଦବୀ ପୂରଣ କରାଯାଇଥିବା ବେଳେ ଏହି ନିଯୁକ୍ତି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ।

ରାଜ୍ୟରେ ଅଧିକ ଅଏଲ୍ ପାମ କାରଖାନା ପ୍ରତିଷ୍ଠା କରାଯିବା ଆବଶ୍ୟକ: କୃଷିମନ୍ତ୍ରୀ

ଭୁବନେଶ୍ୱର,୧୧।୧୧(ପି.ଏନ): ରାଜ୍ୟରେ ଅଏଲ୍ ପାମ୍ ଉତ୍ପାଦନର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ପରିପ୍ରେକ୍ଷୀରେ ରାଜ୍ୟ ଏବଂ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ଅଏଲ୍ ପାମ୍ କାରଖାନା ପ୍ରତିଷ୍ଠା କରାଯିବା ଦରକାର ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।ଆଜି କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନାସନାଲ ମିଶନ ଅନ୍ ଏଡିବୁଲ୍ ଅଏଲ୍ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅଏଲ୍ ପାମ ଚାଷର ପ୍ରସାରର ଅଗ୍ରଗତି ସଂପର୍କରେ ସମୀକ୍ଷା କରି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ବେସରକାରୀ କମ୍ପାନୀ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରର ପୁନଃସମୀକ୍ଷା କରିବା ପାଇଁ କହିଥିଲେ। ଏଥି ସହିତ ବୁଝାମଣାପତ୍ର ଅନୁଯାୟୀ ଉଦ୍ଦିଷ୍ଟ ଜିଲ୍ଲାରେ ଅଏଲ୍ ପାମ କାରଖାନା ପ୍ରତିଷ୍ଠା ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କମ୍ପାନୀମାନଙ୍କୁ କହିଥିଲେ । ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଏଲ୍ ପାମ ଚାଷର ପ୍ରସାର ଓ ତେଲ ଉତ୍ପାଦନ ନିମନ୍ତେ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିଭିନ୍ନ ବେସରକାରୀ କମ୍ପାନୀମାନଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ମଧ୍ୟ ସାମିଲ କରାଯିବା ସହିତ ନୂତନ ଆଗ୍ରହୀ କମ୍ପାନୀମାନଙ୍କ ସହିତ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କ ସହଭାଗିତା ଓ ଉତରଦାୟିତ୍ୱ ବଂଟନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଚାଷର ପ୍ରସାର ନିମନ୍ତେ କମ୍ପାନୀମାନଙ୍କ ପକ୍ଷରୁ ସ୍ଥାୟୀ ନର୍ସରୀ ପ୍ରତିଷ୍ଠା କରାଯାଇ ଉତମ ମାନର ଚାରା ଉତ୍ପାଦନ କରିବା ଓ ଚାଷୀମାନଙ୍କୁ ଯୋଗାଇଦେବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । କମ୍ପାନୀମାନଙ୍କ ଦ୍ୱାରା ଅଏଲ୍ ପାମ୍ ଚାଷ କରାଯାଉଥିବା ଅଂଚଳଗୁଡ଼ିକୁ ଜିଓ ଟ୍ୟାଗିଂ କରାଯିବା ପାଇଁ ବୈଠକରେ ପରାମର୍ଶ ଦିଆଗଲା ଏବଂ କମ୍ପାନୀମାନଙ୍କ ଦ୍ୱାରା ଅଏଲ୍ ପାମ୍ ଚାଷକୁ କୃଷି ଉତ୍ପାଦନ କ୍ଲଷ୍ଟର ଭାବରେ ବିବେଚନା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ରାଜ୍ୟରେ ଅଏଲ୍ ପାମ୍ ଚାଷର ସଂପ୍ରସାରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ପରାମର୍ଶଦାତା କମିଟି ଗଠନ କରିବା ପାଇଁ ବୈଠକରେ ମଧ୍ୟ ନିଷ୍ପତ୍ତି ନିଆଗଲା। ସ୍ଥାନୀୟ ଜଳବାୟୁ ଓ ମୃତିକାକୁ ଦୃଷ୍ଟିରେ ରଖି ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା ବୁଝାମଣାପତ୍ର ସ୍ୱାକ୍ଷର ଅନୁଯାୟୀ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ, ଗଜପତି, ବରଗଡ଼, ଢେଙ୍କାନାଳ, ଯାଜପୁର, କଟକ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ନୟାଗଡ଼, ବୌଦ୍ଧ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ଅଏଲ୍ ପାମ୍ ର ସଂପ୍ରସାରଣ କରାଯାଇଛି। ଆଗାମୀ ବର୍ଷରେ ଏହି କାର୍ଯ୍ୟକ୍ରମକୁ ରାଜ୍ୟର ଅଧିକ ଜିଲ୍ଲାକୁ ସଂପ୍ରସାରିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ସଂଜୀବ କୁମାର ଚଡ଼ା, ଉଦ୍ୟା

ଟି ଟାଇମ୍

ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟତ୍ତ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତତ୍ତ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜତ୍ତ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫତ୍ତ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକତ୍ତ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡତ୍ତ କରିଥିଲେ।

ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତୁଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

ପୁରାଣ କାହାଣୀ

ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ତ୍ତଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ତଲେ । ଧୀରେ ଧୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସଯରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ରୋଗୀଙ୍କର କେଶ କର୍କଟ ରୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ

ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

ଆଜିର ଭାଗ୍ୟ

ମେଷ — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହି ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ

ଗୁଜରାଟରେ ତ୍ରିମୁଖୀ ଲଢ଼େଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନିଜ ରାଜ୍ୟ ତଥା ବିଜେପିର ଏକ ଦୃଢ ଦୁର୍ଗ ଭାବେ ପରିଚିତ 'ଗୁଜରାଟ' ବିଧାନସଭା ନିର୍ବାଚନ ଆସନ୍ତା ଡିସେମ୍ବର ୧ ଓ ୫ ତାରିଖରେ ଦୁଇଟି ପର୍ଯ୍ୟାୟରେ ହେବାକୁ ଯାଉଛି। ବିଜେପିର ଏହା ଏକ ସୁରକ୍ଷିତ ଦୁର୍ଗ ଭାବେ ପରିଚିତ ଏଇଥିପାଇଁ ଯେ, ୧୯୯୫ ମସିହାରୁ ଦୀର୍ଘ ୨୪ବର୍ଷ ଧରି ଦଳ ଶାସନ ଡୋରି ହାତରେ ରଖିଛି। ଆହୁରି ମଧ୍ୟ ଗୁଜରାଟ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଜାତୀୟ ରାଜନୀତିରେ ପ୍ରବେଶ କରି ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିବାର ଲଂଚ ପ୍ୟାଡ ହୋଇ ରହିଛି। କହିବା ବାହୁଲ୍ୟ ଯେ, ଗୁଜରାଟ ମଡେଲ ବିକାଶ ଓ ଆଚ୍ଛେ ଦିନର ସ୍ଲୋଗାନ ଦେଇ ୨୦୧୪ରେ ବିଜେପି କେନ୍ଦ୍ରରେ କ୍ଷମତାସୀନ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ସାଧାରଣ ନିର୍ବାଚନ ଆଉ ମାତ୍ର ଦେଢବର୍ଷରୁ କମ୍ ଥିବାବେଳେ ଏବଂ ଉତରପ୍ରଦେଶ ବିଧାନସଭା ନିର୍ବାଚନ ପରେ ରାଜନୈତିକ ଦୃଷ୍ଟିକୋଣରୁ ଏହାର ନିର୍ବାଚନ ଫଳ ସମସ୍ତ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କହିବା ବାହୁଲ୍ୟ ଯେ, ୯୦ ଦଶକରେ ଜନତା ଦଳର ବିଲୟ ପରେ ଗୁଜରାଟରେ ବିଜେପି ଏବଂ କଂଗ୍ରେସ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଆସୁଛି। ଚଳିତ ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଏଏପି) ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବାରୁ ତ୍ରିମୁଖୀ ଲଢେଇ ନିଶ୍ଚିତ ହୋଇଯାଇଛି ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଦୀର୍ଘ ୨୪ବର୍ଷ ଧରି କ୍ରମାଗତ ଭାବେ କ୍ଷମତାରେ ଥିବା ସତ୍ତ୍ୱେ ବିଜେପି ସରକାରବିରୋଧୀ ହାୱାକୁ ଏଡାଇ ପ୍ରତିଦ୍ୱନ୍ଦ୍ୱୀକୁ ପରାସ୍ତ କରିବା ପାଇଁ କୌଣସି ସୁଯୋଗକୁ ହାତଛଡା କରିନାହିଁ। ଏଥର ମଧ୍ୟ ଦଳ ଅନୁରୂପ ନିର୍ବାଚନ ରଣକୌଶଳ ଆପଣାଇଥିବା ମନେହୁଏ। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣାର ବହୁ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ବାରମ୍ବାର ଗୁଜରାଟ ଗସ୍ତ କରି ବହୁ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିବା ସହ ଡବଲ ଇଂଜିନ ସରକାର (କେନ୍ଦ୍ର ଓ ରାଜ୍ୟର ଗୋଟିଏ ଦଳ) ସରକାରଙ୍କ ସ୍ଲୋଗାନ ଦେଇଛନ୍ତି। ଇତିମଧ୍ୟରେ ଉଭୟ ନେତା ବାରମ୍ବାର ଗୁଜରାଟ ଗସ୍ତ କରି ବହୁ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ସହ ଭୋଟ ଭିକ୍ଷା କରିଛନ୍ତି। ଏଥର ବିଜେପି ୧୪୯ ପ୍ଲସର ସ୍ଲୋଗାନ ଦେଇଛି। ସ୍ମରଣ କରାଯାଇପାରେ ଯେ, ୧୯୮୫ ବିଧାନସଭା ନିର୍ବାଚନରେ ବିଜେପି ୧୮୨ଟି ଆସନ ମଧ୍ୟରୁ ୧୪୯ଟି ଆସନ ଅକ୍ତିଆର କରି ଐତିହାସିକ ବିଜୟ ହାସଲ କରିଥିବାବେଳେ ଏହାପରଠାରୁ ଏହି ଅଙ୍କକୁ ଟପିପାରିନାହିଁ। ଗତ ୨୦୧୭ ବିଧାନସଭା ନିର୍ବାଚନରେ ବିଜେପି କ୍ଷମତା ଅକ୍ତିଆର କରିଥିଲେ ମଧ୍ୟ ତିନି ଅଙ୍କକୁ ଛୁଇଁ ପାରିନଥିଲା। କଂଗ୍ରେସର କଡ଼ା ଟକ୍କର ଯୋଗୁଁ ବିଜେପି ୯୯ରେ ସୀମିତ ରହିଥିଲା। ୨୦୧୭ ନିର୍ବାଚନ ପରେ ବିଜେପି ସରକାରରେ ନେତୃବୃନ୍ଦ ନେଇ ଅସ୍ଥିରତା ସୃଷ୍ଟି ହୋଇଥିଲେ ମଧ୍ୟ ଗତବର୍ଷ ସେପ୍ଟେମ୍ବର ମାସରେ ଭୂପେନ୍ଦ୍ର ପଟେଲଙ୍କୁ ମୁଖ୍ୟମନ୍ତ୍ରୀ କରି ସ୍ଥିରତା ଆଣିଥିବାବେଳେ ବହୁ ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଦେଇ ସପ୍ତମ ଥର ପାଇଁ ବିଜୟ ଲକ୍ଷ୍ୟ ରଖିଛି।

ଗତ ନିର୍ବାଚନରେ କଡା ଟକ୍କର ଦେଇ ବିଜେପିକୁ ପାଣି ପିଆଇ ଦେଇଥିବା କଂଗ୍ରେସର ସ୍ଥିତି ଏବେ ପୂର୍ବପରି ଥିବା ମନେହୁଏ ନାହିଁ। ୨୦୧୭ରେ କଂଗ୍ରେସ ୭୭ଟି ଆସନ ହାସଲ କରିଥିବାବେଳେ ବହୁ ବିଧାୟକଙ୍କ ଦଳ ତ୍ୟାଗ ଯୋଗୁଁ ଏବେ ମାତ୍ର ୫୭ଜଣ ବିଧାୟକ ଅଛନ୍ତି। କେବଳ ଏତିକି ନୁହେଁ ରାହୁଲ ଗାନ୍ଧୀ ବାରମ୍ବାର ଗୁଜରାଟ ଗସ୍ତ କରି ଗ୍ରାମାଚଂଳରେ ଦଳର ସ୍ଥିତିକୁ ମଜଭୁତ କରିବାରେ ସକ୍ଷମ ହୋଇଥିଲେ। କୃଷି ସଂକଟ, ପଟିଦାର ଆନ୍ଦୋଳନ ପ୍ରତି ବିଜେପି ବିମୁଖତା ଯୋଗୁଁ କଂଗ୍ରେସ ପ୍ରତି ଗ୍ରାମାଚଂଳରେ ସମର୍ଥନର ଢେଉ ସୃଷ୍ଟି ହୋଇଥିଲା। ସେହିପରି ହାର୍ଦ୍ଦିକ ପଟେଲ, ଆଲ୍ପେଶ ଠାକୁର, ଜିଗ୍ନେଶ ମେୱାନୀଙ୍କ ପରି ଯୁବନେତାଙ୍କ ଯୋଗୁଁ ପଟିଦାର, ଠାକୁର ଓ ଦଳିତ ସଂପ୍ରଦାୟର ଭୋଟ କଂଗ୍ରେସ ସପକ୍ଷରେ ଆସିଥିବାବେଳେ ଏଥର ହାର୍ଦ୍ଦିକ ଓ ଅଳ୍ପେଶ ନାହାଁନ୍ତି। ଏହି ଦୁଇ ଯୁବନେତା ବିଜେପିରେ ଯୋଗ ଦେଇଥିବାବେଳେ କେବଳ ମେୱାନୀ ଅଛନ୍ତି। ଆହୁରି ମଧ୍ୟ ଭାରତ ଯୋଡ ଯାତ୍ରାରେ ରାହୁଲ ବ୍ୟସ୍ତ ଥିବାରୁ ଗତଥର ପରି ବାରମ୍ବାର ଗସ୍ତ କରିପାରିନାହାଁନ୍ତି। ବିଳମ୍ବରେ କଂଗ୍ରେସ ପ୍ରଚାର ଅଭିଯାନ ଆରମ୍ଭ କରିଥିବା ସତ୍ତ୍ୱେ ସମସ୍ତ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ପ୍ରଚାର ଅଭିଯାନରେ କଂଗ୍ରେସର ତୁଙ୍ଗ ନେତାଙ୍କ ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ଅନ୍ୟପକ୍ଷରେ ଗୁଜରାଟ ନିର୍ବାଚନରେ ଆମ୍ ଆଦମୀ ପାର୍ଟିର ଉପସ୍ଥିତି ସ୍ପଷ୍ଟ ଅନୁଭବ ହେଉଛି। ଉଲ୍ଲେଖ କରାଯାଇପାରେ ଯେ, ୨୦୨୧ ସୁରତ୍ ମହାନଗର ନିର୍ବାଚନରେ ଆମ୍ ଆଦମୀ ପାର୍ଟିର ଅପ୍ରତ୍ୟାଶିତ ବିଜୟ ଏବଂ କଂଗ୍ରେସ ଖାତା ଖୋଲି ନପାରିବା କେଜିରୱାଲାଙ୍କ ପାଇଁ ଏକ ବଡ ସୁଯୋଗ ଆଣିଦେଇଛି। ଇତିମଧ୍ୟରେ କେଜିରୱାଲା ବାରମ୍ବାର ଗୁଜରାଟ ଗସ୍ତ କରି ବହୁ ଆକର୍ଷଣୀୟ ପ୍ରତିଶ୍ରୁତି ମଧ୍ୟ ଦେଇସାରିଲେଣି। ଦଳ କ୍ଷମତାକୁ ଆସିଲେ ବିଦ୍ୟୁତ ଛାଡ, ଦିଲ୍ଲୀ ଢାଂଚାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ବିକାଶ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ମଧ୍ୟ ଏଏପି ଇତିମଧ୍ୟରେ ଘୋଷଣା କରି ସାରିଥିବାବେଳେ ବିଜେପିର ମୁକାବିଲା ପାଇଁ କୃତିତ୍ୱ ଖେଳିବାକୁ ମଧ୍ୟ କୁଣ୍ଠାବୋଧ କରିନାହାଁନ୍ତି। ତେବେ ସେ ଯାହାହେଉନା କାହିଁକି, ଗୁଜରାଟରେ ଏଥର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ, ଏହା ସ୍ୱୀକାର କରିବାକୁ ହେବ। କେବଳ ଏତିକି ନୁହେଁ, ନିର୍ବାଚନ ଏବେ ରୋଚକ ମୋଡରେ। ଦେଶରେ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟସାମଗ୍ରୀର ଦରଦାମ୍ ଆକାଶଛୁଆଁ ହୋଇଥିବାବେଳେ ଏବଂ ଦରଦାମ୍ ନିୟନ୍ତ୍ରଣ କରିବାରେ ବିଜେପି ବିଫଳ ହୋଇଥିବା ବେଳେ ଭୋଟଦାତାଙ୍କ ମନୋଭାବ କ'ଣ, ତାହା ନିର୍ବାଚନରେ ସ୍ପଷ୍ଟ ହେବ। ସେହିପରି ଗୁଜରାଟ ଫଳାଫଳ ୨୦୨୪ ସାଧାରଣ ନିର୍ବାଚନକୁ ଯେ ପ୍ରଭାବିତ କରିବ, ଏଥିରେ କୌଣସି ସନ୍ଦେହ ନାହିଁ।

ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

ଶକ୍ତି ଉପାସନାର ସ୍ଥଳ ପ୍ରୟାଗ

ପୂଣ୍ୟଭୂମି ଭାରତବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ

ମା' ଶକ୍ତିଙ୍କୁ ନିଜର ଝିଅ (ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱୟଂ ବାପାଙ୍କ ଯଜ୍ଞସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମରଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ।

ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂର ଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁରସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ

ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତିଗୁଡ଼ିକ ଭକ୍ତମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରାଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବପ୍ରଥମେ ଆସିଛି। ମହର୍ଷି ୟାଗ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ

ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଶଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା' ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ ଦର୍ଶନ କରାଯାଇଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ।

ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତ ମାନଙ୍କର ମନୋକାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଶରତ କୁମାର ରାଉତ
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

ଖୋର୍ଦ୍ଧା ଗାୟତ୍ରୀ ଶକ୍ତିପୀଠରେ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା (ପିଏନ୍)-ସ୍ଥାନୀୟ ବି.ଜେ.ବି. ନଗରସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଜିଲ୍ଲା ସଂଯୋଜକ ଜୟନ୍ତ ମିଶ୍ର ଓ ଗାୟତ୍ରୀ ଶକ୍ତିପୀଠର ତତ୍ତ୍ୱାବଧାରକ ଇଂ. ପ୍ରମୋଦ କୁମାର ପୃଷ୍ଟିଙ୍କ ସଂଯୋଜନାରେ ଜିଲ୍ଲାର ଦଶଟି ବ୍ଲକ୍ ଓ ୫ଟି ସହରାଚଂଳରୁ ଆସିଥିବା ଗାୟତ୍ରୀ ପରିଜନମାନଙ୍କୁ ନେଇ ଏକ ପ୍ରଶିକ୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସର୍ବଶ୍ରୀ ହୃଦାନନ୍ଦ ସାହୁ, ପଦ୍ମନାଭ ଲେଙ୍କା, ଦୁର୍ଗାଚରଣ ଦାସ, ଗୋପୀନାଥ ସାହୁ, ରବୀନ୍ଦ୍ର କୁମାର ପଟ୍ଟନାୟକ, ସଂଯୁକ୍ତ ପଟ୍ଟନାୟକ, ଝରୁଲତା ଶ୍ରୀଚନ୍ଦନ, ବୈକୁଣ୍ଠନାଥ ସାହୁ, ମନୋଜ ପାତ୍ର, ଉଲ୍ଲାସ ପୃଷ୍ଟି, ସତ୍ୟବାଦୀ ବଳିଆରସିଂହ, ପ୍ରହଲ୍ଲାଦ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଯୁଗ ନିର୍ମାଣ ମିସନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିୟମିତ ଉପାସନା, ମନ୍ତ୍ର ଲିଖନ, ସ୍ୱାଧ୍ୟାୟ, ବଳିବୈଶ୍ୱଯଜ୍ଞ, ପ୍ରଜ୍ଞାଯୋଗ ସତ୍ ସାହିତ୍ୟ ବିତରଣ ସହ ମାସିକ ଓଡ଼ିଆ ପତ୍ରିକା ଅଖଣ୍ଡ ଜ୍ୟୋତି ଓ ପ୍ରଜ୍ଞା ଅଭିଯାନର ବହୁଳ ପ୍ରଚାର ପ୍ରସାର କରାଯିବା ପାଇଁ ସ୍ଥିର ହେଲା। କୃଷ୍ଣଚନ୍ଦ୍ର ସାହୁ, ଶାକମ୍ବରୀ ପଟ୍ଟନାୟକ, ସବିତା ପୃଷ୍ଟି, ଗନ୍ଧର୍ବ ବେହେରା, ରବିନାରାୟଣ ସାହୁ ଓ ଚିତରଂଜନ ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୪୨ ଜଣ ଗାୟତ୍ରୀ ପରିଜନ ଯୋଗ ଦେଇଥିଲେ।

ଗଣକବି ବୈଷ୍ଣବ ପାଣି ଥିଲେ ଓଡ଼ିଆ ନାଟ୍ୟ ଜଗତର ମହାନ୍ କାଣ୍ଡାରୀ

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ସ୍ଥାନୀୟ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ସ୍ୱର୍ଗତଃ ପାଣି ଥିଲେ ଓଡ଼ିଶା ନାଟ୍ୟ ଜଗତର ମହାନ୍ କାଣ୍ଡାରୀ। ଏଥିସହିତ ନିଶା ନିବାରଣ, ଓଡ଼ିଆ ଭାଷା, ସାହିତ୍ୟ, ପାଲା ସଂସ୍କୃତି ତଥା ବିଭିନ୍ନ ପୌରାଣିକ ଗ୍ରନ୍ଥକୁ ସରଳ ଭାଷାରେ ରଚନା କରି ପ୍ରତ୍ୟେକ ଘରେଘରେ ପହଞ୍ଚାଇ ପାରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରକାରଙ୍କ ଅନୁସଚିବ ଲକ୍ଷ୍ମୀଧର ବେହେରା, ସୁରେନ୍ଦ୍ର ଛୋଟରାୟ, କବ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୨, ନଭେମ୍ବର ୧୨

-ବିଶ୍ୱାସ ବିଶ୍ୱର ଆଧାର-



ଚରାଚର ବିଶ୍ୱବ୍ରହ୍ମାଣ୍ଡର ଆଧାରଶୀଳା ହେଉଛନ୍ତି ଈଶ୍ୱର । ବ୍ୟବହାର ଜଗତରେ ସେ ହେଉଛନ୍ତି ବିଶ୍ୱାସର ପ୍ରତୀକ । ବିଶ୍ୱାସ ଶ୍ରଦ୍ଧା ସମନ୍ୱିତ ହୋଇ ସୃଷ୍ଟି ସମ୍ଭାରକୁ ସାକାର କରିବାରେ ସଫଳ ହୋଇଛି । ଭବାନୀ ଶଙ୍କରୌ, ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ । ଶ୍ରୀରାମ ଚରିତ ମାନସ । ସନ୍ଥ ତୁଳସୀ ଦାସ ଏହା ବର୍ଣ୍ଣନା କରିଛନ୍ତି । ଭବାନୀ ହେଉଛନ୍ତି ଭବ କାରିଣୀ, ଭବ ତାରିଣୀ, ଶ୍ରଦ୍ଧା ରୂପିଣୀ, ପ୍ରକୃତି ସ୍ୱରୂପା ବିଶ୍ୱ ଜନନୀ । ଶଙ୍କର ହେଉଛନ୍ତି ବିଶ୍ୱାସ ରୂପରେ ସାରା ବିଶ୍ୱ ସୃଷ୍ଟିର ମୂଳାଧାର ପରମ ପୁରୁଷ, ପରମ ପିତା ମହାଦେବ ଶିବ । ଶ୍ରଦ୍ଧା ଜୀବ ହେଲେ ବିଶ୍ୱାସ ପରମ । ଶ୍ରଦ୍ଧା ଜୀବାତ୍ମା ହେଲେ ବିଶ୍ୱାସ ପରମାତ୍ମା । ଶ୍ରଦ୍ଧା ପ୍ରକୃତି ହେଲେ ବିଶ୍ୱାସ ପୁରୁଷ ରୂପରେ ପ୍ରତିଷ୍ଠିତ । ଶ୍ରଦ୍ଧା ଶକ୍ତି ସନାତନୀ ଆଉ ବିଶ୍ୱାସ ହେଲେ ସତ୍ୟ ସ୍ୱରୂପ ସନାତନ ଶିବ । ଏହି ଦୃଶ୍ୟ ଅଦୃଶ୍ୟ ସବୁକିଛି ହେଉଛି ବିଶ୍ୱାସର ପରିପ୍ରକାଶ । ଶ୍ରଦ୍ଧାର ଘନୀଭୂତ ରୂପ ବିଶ୍ୱାସ ଏବଂ ବିଶ୍ୱାସର ବ୍ୟକ୍ତ ବିଭୁତି ଶ୍ରଦ୍ଧା ଅଟନ୍ତି । ଏକ ଶକ୍ତି ଦୁଇ ରୂପରେ ପ୍ରତିଭାତ । ପରମବ୍ରହ୍ମ ପରମାତ୍ମା ବିଶ୍ୱାସ ହେଲେ ଶ୍ରଦ୍ଧା ତାଙ୍କର ଶକ୍ତି । ବିଶ୍ୱାସ ଏହି ବିଶ୍ୱ ଚେତନାର ମୂଳ ।

ବାସ୍ତବରେ ବିଶ୍ୱାସ ବିଶେଷ ପ୍ରଚେଷ୍ଟା କିମ୍ବା ପ୍ରମାଣ ଦ୍ୱାରା ପ୍ରାପ୍ତ ହୋଇ ନଥାଏ । ଏହା ଅନ୍ତରାତ୍ମାରେ ସ୍ୱତଃସ୍ଫୂର୍ତ୍ତ ସ୍ଫୁରଣ ହୋଇଥାଏ । ଶଙ୍କା ସନ୍ଦେହ ହେଉଛି ବିଶ୍ୱାସର ପରମ ଶତ୍ରୁ । ଅତ୍ୟନ୍ତ ସାବଧାନତାର ସହିତ ଚାରା ବୃକ୍ଷର ପୋଷଣ ଓ ସୁରକ୍ଷା ଲୋଡ଼ା ହେବାପରି ବିଶ୍ୱାସର ବୃଦ୍ଧି ଓ ସୁରକ୍ଷା ପାଇଁ ସତର୍କତା ଦରକାର । ତାହା ନହେଲେ ବିଶ୍ୱାସ ସନ୍ଦେହ ରୂପକ ବିଷ ବିଶ୍ୱାସକୁ ସମୂଳେ ଧ୍ୱଂସ କରିଦେବ । ସାମାନ୍ୟ ବିଷ ଯେପରି ସାରା ଅମୃତ ଭାଣ୍ଡକୁ ନଷ୍ଟ କରିଦେଇଥାଏ, ଠିକ ସେହିଭଳି ଶଙ୍କା, ସନ୍ଦେହ, ଅବିଶ୍ୱାସ ରୂପକ ବିଷ ବିଶ୍ୱାସର ଅମୃତ ଭାଣ୍ଡକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥାଏ । ବିଶ୍ୱାସ ବ୍ୟକ୍ତିକୁ ବଳିଷ୍ଠ କରେ, ଶକ୍ତି ସମ୍ପନ୍ନ କରେ, ଆପଦ ବିପଦରୁ ରକ୍ଷା କରେ । ବିଶ୍ୱାସ ହୀନ ଜୀବନ ଏକ ଅସହାୟ ଜୀବନ । ବିଶ୍ୱାସହୀନ ଜୀବନ ପ୍ରାଣହୀନ ଜୀବନ । ବିଶ୍ୱାସର ଅଭାବ ସବୁଠାରୁ ବଡ଼ ଅଭାବ । ସମସ୍ତ ମୂଲ ଦେଇ ଆମ ଭିତରେ ଥିବା ବିଶ୍ୱାସର ବୀଜକୁ ସୁରକ୍ଷା ଦେବା ଦରକାର । ଅଧିକରୁ ଅଧିକ ଦୃଢ଼ୀଭୂତ କରିବା ଦରକାର । ଯେତିକି ବିଶ୍ୱାସ ଦୃଢ଼ିଭୂତ ହେବ, ସେତିକି ଜୀବନ ସୁନ୍ଦର, ମଧୁର ସୌଷ୍ଠବମୟ ହେବ । ବିଶ୍ୱାସ ବେଳେ ଜୀବନ ଆତ୍ମ ଚେତନାରେ ପରିପୂର୍ଣ୍ଣ ହୋଇଉଠିବ ।

ବିଶ୍ୱାସରେ ଜୀବନର ସୃଷ୍ଟି । ପିତାମାତା ପ୍ରିୟ ପରିଜନ ବର୍ଗ ଗଭୀର ବିଶ୍ୱାସରେ ଶିଶୁକୁ ପ୍ରତୀକ୍ଷା କରନ୍ତି । ଆନନ୍ଦର ଆଗମନୀରେ ସ୍ୱାଗତ କରନ୍ତି । ବିଶ୍ୱାସରେ ଜୀବନର ବିକାଶ, ସ୍ଥିତି ଆଉ ସମୃଦ୍ଧି । ବିଶ୍ୱାସ ମଧ୍ୟ ଜୀବନର ପରିଣତିକୁ ପ୍ରତ୍ୟାଶା କରେ ସ୍ୱର୍ଗଦ୍ୱାର କିମ୍ବା ଶିବାଳୟର ଶ୍ମଶାନ ଘାଟରେ । ଖାଲି ସେତିକି ନୁହେଁ, ମୃତ୍ୟୁ ଉପରାନ୍ତ ମଧ୍ୟ ବିଶ୍ୱାସ ଆତ୍ମସତ୍ତାର ଉତ୍ତରଣରେ ଆସ୍ଥା ରଖେ । ବିଶ୍ୱାସ ବିନା ଜୀବନ ନାହିଁ । ଘର ସଂସାର, ପରିବାର, ବନ୍ଧୁ ପରିଜନ, ସବୁକିଛି ବିଶ୍ୱାସର ବଳିଷ୍ଠ ବନ୍ଧନରେ ବନ୍ଧା । ବିଶ୍ୱାସ ପାଇଁ ବିଶ୍ୱ ଏତେ ସୁନ୍ଦର । ବିଶ୍ୱାସର ଚେତନା ପ୍ରବାହରେ ସବୁକିଛି ପ୍ରାଣବନ୍ତ, ଚେତନାଯୁକ୍ତ, ବିଶ୍ୱାସର ଅସମ୍ଭବ ଶକ୍ତି । ଅସମ୍ଭବକୁ ସମ୍ଭବ କରିବାରେ, ଅଦ୍ଭୁତରୁ ଅଦ୍ଭୁତ ଚମତ୍କାରିତା ବିଶ୍ୱାସ ବଳରେ ପ୍ରକଟିତ ହୋଇଥାଏ । ଆମର ସମସ୍ତ ଶାସ୍ତ୍ର ପୁରାଣର ପୃଷ୍ଠା ସବୁ ବିଶ୍ୱାସର ବିଶେଷ ମହିମା ବର୍ଣ୍ଣନାରେ ଶ୍ରୀମଣ୍ଡିତ ହୋଇଛି ।

ଶ୍ରୀଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ରଚନାକୁ ନେଇ ଶୁଣିଥିବା ଏକ ରୋଚକ କାହାଣୀ ମନକୁ ଆସୁଛି । ଭାଗବତ ରଚନା ପରେ ଜଗନ୍ନାଥ ଦାସ ଚିନ୍ତାକଲେ ଜଣେ ଜ୍ଞାନୀଗୁଣୀ ବ୍ୟକ୍ତିଙ୍କୁ ଟିକେ ଦେଖାଇଦେବା ପାଇଁ । ତାଙ୍କ ବିଚାରରେ ବ୍ରହ୍ମଗିରି ନିକଟସ୍ଥ କାଣ୍ଡଗଦାର ମନେଇ ସାହୁ ଜଣେ ଯୋଗ୍ୟ ବ୍ୟକ୍ତି ଥିଲେ । ତେଣୁ ଭାଗବତର ପାଣ୍ଡୁଲିପି ନେଇ ସେ ତାଙ୍କ ଘରେ ପହଞ୍ଚିଲେ ଏବଂ ନିଜର ଇଚ୍ଛା ବ୍ୟକ୍ତ କଲେ । ମନେଇ ସାହୁ କହିଲେ ଗୋସେଇଁ, ଆପଣ ଆପଣଙ୍କ ଲେଖା ସବୁ ଥୋଇ ଦେଇଯାଆନ୍ତୁ ମୁଁ ଦେଖି ଦେଇଥିବି । ଆପଣ ମାସକ ପରେ ଆସିବେ ନେଇଯିବେ । ମାସକ ପରେ ଜଗନ୍ନାଥ ଦାସ ଯାଇ ମନେଇ ସାହୁଙ୍କ ଘରେ ପହଞ୍ଚିଥିଲେ । ପଚାରିଲେ ଆଜ୍ଞା ଆପଣ ଟିକେ ଆଖି ପକାଇ ଦେଇଛନ୍ତି ? ସେ କହିଲେ ହଁ ଦେଖିଛି ଲେଖା ଭଲ ହୋଇଛି, ହେଲେ ସାମାନ୍ୟ ଟିକେ ଲୁଣ ପଡ଼ିଥାଆନ୍ତା । ଜଗନ୍ନାଥ ଦାସ କହିଲେ- ଟିକେ ଲୁଣ ପକାଇ ଦେଲେନି ? ମନେଇ ସାହୁ କହିଲେ ପକାଇ ଦେଇଛି, ସେଥିରେ ସେ ଚାରି ଧାଡ଼ି ମାତ୍ର ଯୋଡ଼ିଛନ୍ତି । 'କହଇଁ ଜଗନ୍ନାଥ ଦାସ, ମୂଳଟି ଅଟଇ ବିଶ୍ୱାସ । ବିଶ୍ୱାସ ବିନା କର୍ମ ଯେତେ ଫଳ ନଫଳେ କଦାଚିତ୍ତେ ।' ବାସ୍ତବରେ ଏହା ସର୍ବତୋ ଭାବେ ସତ୍ୟ । ବିଶ୍ୱାସ ବିନା କିଛି ନାହିଁ । ଏହା ସବୁ ଶାସ୍ତ୍ରର ମର୍ମବାଣୀ । ଜୀବନ ହେଉଛି ଶ୍ରଦ୍ଧା ବିଶ୍ୱାସର ସମ୍ମିଳିତ ରୂପ । ଯେଉଁଠି ଜୀବନ ଅଛି, ସେଠି ଶ୍ରଦ୍ଧା ଅଛି । ଯେଉଁଠି ଶ୍ରଦ୍ଧା ଅଛି ସେଠାରେ ବିଶ୍ୱାସ ଅଛି । ଯେଉଁଠି ବିଶ୍ୱାସ ଅଛି ସେଠାରେ ସୁଖ, ଶାନ୍ତି, ଆନନ୍ଦ ପରିପୂର୍ଣ୍ଣ ହୋଇ ରହିଛି । ଯେଉଁଠାରେ ସୁଖଶାନ୍ତି ଆନନ୍ଦ ଅଛି, ସେଠାରେ ଆନନ୍ଦକନ୍ଦ ଭଗବାନ ଅଛନ୍ତି । ଯେଉଁଠାରେ ଭଗବାନ ଅଛନ୍ତି ସେଠାରେ ସବୁ ଅଛି । ତେବେ ଆସନ୍ତୁ ବିଶ୍ୱାସ ରୂପକ ଈଶ୍ୱରଙ୍କୁ ଆବାହନ କରିବା, ଆରାଧନା କରିବା, ବିଶ୍ୱାସକୁ ଆଧାର କରି ସତ୍ୟ ପରମାନନ୍ଦ ହରିଙ୍କ ସହିତ ଏକୀଭୂତ ହୋଇଯିବା ।

ହେମନ୍ତ କୁମାର ପରିଡ଼ା, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୭୬୩୧୦୭୧୨୬

ଆଜିର ଅନୁଚିନ୍ତା

ନିଜେ ନିଜ ସ୍ୱରୂପରେ ରହି ଆନନ୍ଦ ପାଇବା ପାଇଁ ପ୍ରୟାସ କର ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ନେତାନ୍ୟାହୁଙ୍କ ପ୍ରତ୍ୟାବର୍ତ୍ତନ

ସୌମେନ୍ଦ୍ର ଜେନା

ଇସ୍ରାଏଲରେ ପୁଣି ଥରେ ଲିକୁଡ ପାର୍ଟିର ବିଜୟ ହୋଇଛି ଏବଂ ବେଞ୍ଜାମିନ ନେତାନ୍ୟାହୁ କ୍ଷମତାକୁ ଫେରିବା ସ୍ପଷ୍ଟ ହୋଇଯାଇଛି । ନଭେମ୍ବର ୧ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଇସ୍ରାଏଲର ସଂସଦ କ୍ନେସେଟ ପାଇଁ ଆବଶ୍ୟକ ୬୧ ସାଂସଦଙ୍କ ସଂଖ୍ୟାଗରିଷ୍ଠତା ଲାଭ କରି ଲିକୁଡ ପାର୍ଟି ନଭେମ୍ବର ୧୪ରେ ସରକାର ଗଢିବାକୁ ଯାଉଛି । ୩ ନଭେମ୍ବର ଦିନ ଗଣାଯାଇଥିବା ମତଦାନ ଅନୁସାରେ ଲିକୁଡ ପାର୍ଟି ୬୪ଟି ଆସନରେ ବିଜୟୀ ହୋଇଛି । ୧୯୪୯ରୁ ଦେଶରେ ଅନୁଷ୍ଠିତ ନିର୍ବାଚନରେ ଆଜିଯାଏଁ କୌଣସି ଗୋଟିଏ ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ସମର୍ଥ ହୋଇପାରିନାହାନ୍ତି । ୧ କୋଟିରୁ କମ୍ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଇସ୍ରାଏଲରେ ଛୋଟ ବଡ ୪୦ଟି ରାଜନୈତିକ ଦଳ ଏଥର ନିର୍ବାଚନରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ମାତ୍ର ୧୪ଟି ଦଳ ଆବଶ୍ୟକ ୩.୨୫ ପ୍ରତିଶତ ମତ ପାଇବାକୁ ସମର୍ଥ ହୋଇଛନ୍ତି । ଇସ୍ରାଏଲର ନିୟମ ଅନୁସାରେ ୩.୨୫ ପ୍ରତିଶତ ଭୋଟ ଲାଭ କରିବାକୁ ଅକ୍ଷମ ଦଳର ମତକୁ ଶୂନ୍ୟ ବୋଲି ଧରାଯାଇଥାଏ । ସେହି ମତକୁ ପ୍ରମୁଖ ମତଲାଭ କରିଥିବା ଦଳଗୁଡିକ ମଧ୍ୟରେ ବାଣ୍ଟି ଦିଆଯାଇଥାଏ । ତେବେ ଗତ ତିନିବର୍ଷରେ ଦେଶରେ ରାଜନୈତିକ ଅସ୍ଥିରତା ଯୋଗୁ ପାଞ୍ଚ ଥର ନିର୍ବାଚନ ହୋଇଛି । ଗତ ନିର୍ବାଚନରେ ୭୦.୬୧ପ୍ରତିଶତ ମତଦାନ ହୋଇଥିଲା । ନିର୍ବାଚନରେ ବେଞ୍ଜାମିନ ନେତାନ୍ୟାହୁଙ୍କ ଲିକୁଡ ପାର୍ଟି, ୟାଏର ଲାପିଡଙ୍କ ୟେସ ଆବିଦ, ବେଜାଲେଟ ସ୍ମୋଟ୍ରିକଙ୍କ ରିଲିଜିଅସ ଜିଓନିଷ୍ଟ, ବେନୀ ଗାଞ୍ଜଙ୍କ ନେସନାଲ ୟୁନିଟୀ, ଆର୍ଯ୍ୟେଡେନଙ୍କ ସାସ, ୟିଟଝାକ ଗୋଲ୍ଡକ୍ନଫ୍ଟଙ୍କ ୟୁଟିଜେ, ଏଭିଗଡୋର ଲିଭରମାନଙ୍କ ଇସ୍ରାଏଲ ବେଟେ ଇନ୍ୟୁଦଳ ପ୍ରମୁଖ ମତ ଲାଭ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଇସ୍ରାଏଲରେ ୧୨୦ଟି ସଂସଦୀୟ ଆସନ ରହିଛି ।

ଇସ୍ରାଏଲର ରାଜନୈତିକ ଇତିହାସରେ କିଙ୍ଗ ବିବି ଭାବେ ପରିଚିତ ନେତାନ୍ୟାହୁ ସର୍ବାଧିକ କାଳ ଶାସନରେ ରହିଛନ୍ତି । ପ୍ରଥମେ ୧୯୯୬-୯୯ ମଧ୍ୟରେ ତିନିବର୍ଷ ୧୮ଦିନ, ପରେ ୨୦୦୯ରୁ ୨୦୨୧ ମଧ୍ୟରେ ୧୨ବର୍ଷ ୭୪ଦିନ ସରକାରରେ ନେତାନ୍ୟାହୁ ରହିଥିଲେ । ୨୦୧୯ରେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା । ଫଳରେ ତାଙ୍କୁ କ୍ଷମତାରୁ ହଟିବାକୁ ହୋଇଥିଲା । କିନ୍ତୁ ତାଙ୍କ ପରେ ଯେଉଁମାନେ କ୍ଷମତାକୁ ଆସିଲେ ସେମାନେ ବୈଚାରିକ ବିଷମତା ଏବଂ ନୀତିଗତ ପାର୍ଥକ୍ୟ ଦୃଷ୍ଟିରୁ ଅନ୍ତଃକଳହରେ ବ୍ୟସ୍ତ ରହିଲେ । ବେନେଟଙ୍କ ଶାସନ କାଳରେ ଭାରତ-ଇସ୍ରାଏଲ ମଧ୍ୟରେ ମୁକ୍ତବାଣିଜ୍ୟ ବୁଝାମଣା ପରି ବିଷୟଗୁଡିକରେ ଅଗ୍ରଗତି ହେବା ପରିଲକ୍ଷିତ ହେଲାନାହିଁ । କେବଳ ପ୍ରତିରକ୍ଷା କ୍ରୟ ନେଇ ଯାହା ଯେଉଁସବୁ ବୁଝାମଣା ହୋଇଥିଲା ତଦନୁସାରେ କାର୍ଯ୍ୟ ଜାରି ରହିଲା । ଦୁଇ ରାଷ୍ଟ୍ରର ସରକାରଙ୍କ ମଧ୍ୟରେ ସହଯୋଗ ଅଧିକ ହେବ ବୋଲି ଯେଉଁ ଆଶା ରହିଥିଲା ତାହା ଆଶାରେ ହିଁ ରହିଗଲା ।

ନଭେମ୍ବର ୧୪ରେ ଶପଥ ଗ୍ରହଣ କଲାପରେ ବେଞ୍ଜାମିନ ପୁନର୍ବାର ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରିବେ । ୭୩ ବର୍ଷୀୟ ବେଞ୍ଜାମିନଙ୍କ ଜନ୍ମ ଇସ୍ରାଏଲର ରାଜଧାନୀ ତେଲ ଆଭିଭଠାରେ ୨୧ ନଭେମ୍ବର ୧୯୪୯ରେ ହୋଇଥିଲା । ବେଞ୍ଜିୟନ ନେତାନ୍ୟାହୁ ଏବଂ ତିଜିଲା ସେଗଲଙ୍କ ପୁତ୍ର ବେଞ୍ଜାମିନ ଇହୁଦୀ ପରିବାରରେ ଜନ୍ମଗ୍ରହଣ କରି ଜେରୁଜେଲମ ଏବଂ ଆମେରିକାର ଫିଲାଡେଲଫିଆ, ପେନ୍‌ସିଲଭାନିଆଠାରେ ବଢିଥିଲେ । ଆମେରିକାର ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜୀ (ଏମ୍‌ଆଇଟି)ରୁ ଶିକ୍ଷାଲାଭ ପରେ ସେ ହାରଭାର୍ଡ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ଡିଗ୍ରୀ ଲାଭ ପାଇଁ ନାମ ଲେଖାଇ ଗବେଷଣା ଜାରିଥିବା ବେଳେ ଶିକ୍ଷା ଅଧାରୁ ଛାଡି ଦେଇଥିଲେ । ୧୯୬୭ରେ ଇସ୍ରାଏଲକୁ ଫେରି ସେ ପ୍ରତିରକ୍ଷା ବିଭାଗରେ ସ୍ପେଶାଲ ଫୋର୍ସର ଟିମ୍‌ଲିଡର ହେଲେ । ଅନେକ ମିଶନରେ ଅଂଶଗ୍ରହଣ କରି କ୍ୟାପଟେନ୍ ପଦକୁ ଉତ୍ତୀର୍ଣ୍ଣ ହେଲାପରେ ଦାୟିତ୍ୱ ମୁକ୍ତ ହୋଇଥିଲେ । ବୋଷ୍ଟନ କନ୍‌ସଲଟିଂ ଗ୍ରୁପର ଆର୍ଥିକ ପରାମର୍ଶଦାତା ଭାବେ ସେ ଏମ୍‌ଆଇଟିରୁ ଉତ୍ତୀର୍ଣ୍ଣ ହେବାପରେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ । ୧୯୭୮ରେ ଇସ୍ରାଏଲକୁ ଫେରି ୟୋନାଟନ ନେତାନ୍ୟାହୁ ସନ୍ତ୍ରାସ ବିରୋଧୀ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲେ । ଜାତିସଂଘରେ ସ୍ଥାୟୀ ପ୍ରତିନିଧି ଭାବେ ୧୯୮୪ରୁ ୧୯୮୮ ଯାଏଁ ସେ କାର୍ଯ୍ୟ କରିଥିଲେ । ଲିକୁଡ ପାର୍ଟିର ଅଧ୍ୟକ୍ଷ ଭାବେ ୧୯୯୩ରେ ସେ ନିର୍ବାଚିତ ହୋଇ ସଂସଦରେ ବିରୋଧୀ ଦଳର ନେତା ହୋଇଥିଲେ । ତେବେ ୧୯୯୬ରେ ଅନୁଷ୍ଠିତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପେରେସ୍‌ଙ୍କୁ ସେ ହରାଇ ସିଧାସଳଖ ନିର୍ବାଚନରେ ବିଜୟୀ ହୋଇ ଇସ୍ରାଏଲର ଇତିହାସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଥିଲେ । ଗୋଟିଏ ପାଳିର ଶାସନ ପରେ ୧୯୮୯ରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ତାଙ୍କ ଦଳ ୱାନ ଇସ୍ରାଏଲ ପାର୍ଟିଠାରୁ ହାରିଯାଇଥିଲା । ଇହୁଡ ବାରାକ ପ୍ରଧାନମନ୍ତ୍ରୀ ହେବାପରେ ନେତାନ୍ୟାହୁ ରାଜନୀତିରୁ ବାହାରିଯାଇ ବ୍ୟବସାୟରେ ମନୋନିବେଶ କରିଥିଲେ । ଚାରିବର୍ଷିଆ ଇସ୍ରାଏଲର ସଂସଦରେ ସେ ୧୯୯୬-୯୭ରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା, ୧୯୯୬-୯୯ରେ ଗୃହ ଓ ନିର୍ମାଣ ବିଭାଗ ହାତରେ ରଖିଥିଲେ । ୨୦୦୨ରେ ତାଙ୍କ ଦଳ ବିଜୟୀ ହେବା ପରେ ଏରିଏଲ ସାରୋନଙ୍କ ମନ୍ତ୍ରିମଣ୍ଡଳରେ ସେ ବିଦେଶମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ମଧ୍ୟ ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଇସ୍ରାଏଲ ଆର୍ଥିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଥିଲେ । ଗାଜାରୁ ସେନା ଉଚ୍ଛେଦ ନେଇ ସାରୋନଙ୍କ ସହ ମତଭେଦ ହେବାରୁ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ ।

ସାରୋନ ୨୦୦୫ରେ ଲିକୁଡ ପାର୍ଟି ଛାଡି କାଦିମା ନାମରେ ଅନ୍ୟ ଏକ ପାର୍ଟି ଗଠନ କରିବା ପରେ ଡିସେମ୍ବର ୨୦୦୫ରେ ନେତାନ୍ୟାହୁ ଦଳକୁ ଫେରିଥିଲେ । ସଂସଦରେ ୨୦୦୬ରୁ ୨୦୦୬ ପର୍ଯ୍ୟନ୍ତ ସେ ବିରୋଧୀ ଦଳ ନେତାଭାବେ କାର୍ଯ୍ୟକଲେ । ୨୦୦୯ ନିର୍ବାଚନରେ କାଦିମାଦଳ ପ୍ରଥମ ସ୍ଥାନରେ ଥିଲାବେଳେ ଲିକୁଡ ପାର୍ଟି ଦ୍ୱିତୀୟ ସ୍ଥାନ ପାଇଥିଲା । ହେଲେ ନେତାନ୍ୟାହୁ ଅନ୍ୟ ଦଳମାନଙ୍କ ସହ ମ୍ଳେ କରି ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିଲେ । ପରେ ୨୦୧୩ ଏବଂ ୨୦୧୫ ନିର୍ବାଚନରେ ଲିକୁଡପାର୍ଟି ତାଙ୍କ ନେତୃତ୍ୱରେ ବିଜୟୀ ହୋଇଥିଲା । ଏପ୍ରିଲ ୨୦୧୯ ନିର୍ବାଚନରେ କୌଣସି ଦଳ ସଂସଦରେ ସଂଖ୍ୟାଗରିଷ୍ଠତା ଲାଭ ନକରିବା ହେତୁ ସେପ୍ଟେମ୍ବର ୨୦୧୯ରେ ଆଉଥରେ ନିର୍ବାଚନ ହେଲା । ବେନୀ ଗାଞ୍ଜଙ୍କ ଦଳ ବ୍ଲୁ ଏଣ୍ଡ ହ୍ୱାଇଟ୍ ନେତାନ୍ୟାହୁଙ୍କ ଲିକୁଡ ପାର୍ଟିଠାରୁ ଅଳ୍ପ ଆସନ ଅଧିକ ପାଇଥିଲେ ମଧ୍ୟ ସରକାର ଗଠନ ସମ୍ଭବପର ହୋଇ ନ ଥିଲା । ଅନିଶ୍ଚିତତା ଲାଗି ରହିବା ପରେ ୨୦୨୦ରେ ଦୁଇଦଳ ମଧ୍ୟରେ ନେତୃତ୍ୱ ବଦଳ ହେବ ବୋଲି ସ୍ଥିର ହେଲା । ନଭେମ୍ବର ୨୦୨୧ରେ ନେତାନ୍ୟାହୁଙ୍କଠାରୁ ଗାଞ୍ଜ ଦାୟିତ୍ୱ ଗ୍ରହଣ କରିବାକୁ ଥିଲାବେଳେ ଦୁଇଦଳର ମ୍ଳେ ଭାଙ୍ଗିଯିବା ହେତୁ ମାର୍ଚ୍ଚ ୨୦୨୧ରେ ନିର୍ବାଚନ ହେଲା । ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ହେଲେ । ଜୁନ ୨୦୨୧ରେ ନଫତାଲି ବେନେଟ ୟାପିର ଲାପିଡ ସହ ମିଳିତ ସରକାର ଗଠନ କରିବାକୁ ସ୍ଥିର କଲାପରେ ନେତାନ୍ୟାହୁ ବିରୋଧୀ ଦଳରେ ବସିବାକୁ ସ୍ଥିର କଲେ ।

୧୯୮୦ ଦଶକରୁ ନେତାନ୍ୟାହୁଙ୍କର ସଂପର୍କ ଡୋନାଲଡ୍ ଟ୍ରମ୍ପଙ୍କ ସହ ରହିଥିଲା । ଟ୍ରମ୍ପଙ୍କ ଶାସନକାଳରେ ଇସ୍ରାଏଲର ରାଜଧାନୀ ଭାବେ ଜେରୁଜେଲମକୁ ସ୍ୱୀକୃତି ମିଳିଲା । ଗୋଲାନ ହାଇଟ ଅଞ୍ଚଳରେ ଇସ୍ରାଏଲର ଦାବିକୁ ସ୍ୱୀକୃତି ମିଳିଲା । ଆରବର ରାଷ୍ଟ୍ର ସମୂହ ଏବଂ ଇସ୍ରାଏଲ ମଧ୍ୟରେ ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ ଆବ୍ରାହମ୍ ବୁଝାମଣା ଅନୁଯାୟୀ ଆଲୋଚନା ହେଲା । ଡିସେମ୍ବର ୨୦୧୬ରୁ ଇସ୍ରାଏଲ ପୁଲିସ ନେତାନ୍ୟାହୁଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିଲେ । ୨୧ ନଭେମ୍ବର ୨୦୧୯ରେ ନେତାନ୍ୟାହୁ ସମସ୍ତ ଦାୟିତ୍ୱରୁ ମୁକ୍ତ ହେବେ ବୋଲି ସଂକେତ ଦେଇଥିଲେ ।

ନେତାନ୍ୟାହୁଙ୍କ ପିତା ବେଞ୍ଜିଓନ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରେ ଇହୁଦୀ ଇତିହାସର ପ୍ରାଧ୍ୟାପକ ଥିଲେ । ଏନ୍‌ସାଇକ୍ଲୋପିଡିଆ ହେବ୍ରାଇକାର ସେ ସମ୍ପାଦକ ଥିଲେ । ବେଞ୍ଜାମିନ୍‌ଙ୍କ ବଡ ଭାଇ ୟୋନି ନେତାନ୍ୟାହୁ ୧୯୭୬ରେ ଏକ ସନ୍ତ୍ରାସ ବିରୋଧୀ ଅପରେସନରେ ଅଂଶଗ୍ରହଣ କରି ସହିଦ ହୋଇଥିଲେ

ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ

କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୂଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୂପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

ବିନା ମାଟିରେ ଚାଷ

ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖି ତାହେଲେ କୃଷି ବିନା ଏସବୁ ଦୃଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବିପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

ତଥ୍ୟ ସହାୟତା-ବିଜୁଜନତା ମିଲ୍ଲକ

ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି..
ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

କ'ଣ ପାଇଁ ହାଇଡ୍ରୋପନିକ୍ସ

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

ଅପକାରିତା

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

ଚାଷ ଓ ଚାଷୀର କଥା...

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)

ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚାଷ କଲେ ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚାଷ କରୁଥିଲେ ସର୍ବଦା ବଜାର ଚାହିଦା ଏବଂ ଖାଉଟି ଦରଦାମ୍ ଉପରେ ବିଶେଷ ନଜର ରଖି ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚୟନ ଏବଂ ଖାଦ୍ୟ ସାର ପରିଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନ୍ୱିତ ଖାଦ୍ୟ ସାର ପରିଚାଳନା କଲେ ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

୧. ସଠିକ୍ ବିହନ ଚୟନ

ଗାଁ ଗହଳି ରେ ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତିରୋଧକ ଶକ୍ତି ଥିବା ବିହନ ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

୨. ତଳି ପ୍ରସ୍ତୁତି

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚାଷକରି ଅନାବନା ଘାସ ବାଛିଛି ୩ ରୁ ୪ ଫୁଟ ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା, ୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିଣ୍ଡୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡ଼ିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍

ମୋ ଓଡ଼ିଶା

ମହିଳା ସଶକ୍ତିକରଣ ନାମରେ ବିଜେଡ଼ି ନିଜ ଦଳର ସଶକ୍ତିକରଣ କରିବା ଦୁର୍ଭାଗ୍ୟଜନକ

ବାଲେଶ୍ୱର (ପିଏନ୍)-ମହିଳା ସଶକ୍ତିକରଣ ନାମରେ ବିଜେଡ଼ି ନିଜ ଦଳର ସଶକ୍ତିକରଣ କରୁଛି ବୋଲି ଆଜି ଭାରତଯୋଡ଼ କାର୍ଯ୍ୟକ୍ରମ ଅବସରରେ ବାଲେଶ୍ୱର ଠାରେ ଆୟୋଜିତ ମହିଳାଗ୍ରୁପମାନଙ୍କ ଏକ ଆଲୋଚନା ସଭାରେ ମତବ୍ୟକ୍ତ କରିଛି । ବାଲେଶ୍ୱରରେ ଭାରତ ଯୋଡ଼ ପରିବର୍ତନ ଯାତ୍ରା ଓଡ଼ିଶା ପରିପ୍ରେକ୍ଷୀରେ ଆଜି କଂଗ୍ରେସ ଅନୁଷ୍ଠିତ ଏହି ମହିଳାଗ୍ରୁପ ମାନଙ୍କ ସହିତ ସହିତ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହିତ ଆଳାପ ଆଲୋଚନା କରିଥିଲେ। ମିଶନଶକ୍ତି ମହିଳାମାନଙ୍କୁ ସଶକ୍ତ କରିବା ପରିବେର୍ତ ବିଜେଡ଼ି ଦଳର ଭୋଟ ବ୍ୟାଙ୍କ ସୃଷ୍ଟି କରିବା କାର୍ଯ୍ୟରେ ଲାଗିଛି। ଅର୍ଥନୈତିକ ଓ ସାମାଜିକ ଭାବରେ ମହିଳାମାନେ ସଶକ୍ତ ହୋଇପାରୁ ନାହାଁ । ସେମାନଙ୍କ ପାଇଁ ପ୍ରଶିକ୍ଷଣ, ଉତ୍ପାଦନ ଭିତିକ ପ୍ରକଳ୍ପ ପ୍ରସ୍ତୁତ କରିବା, ଉତ୍ପାଦିତ ଦ୍ରବ୍ୟର ବିକ୍ରି ପାଇଁ ବଜାର ସୃଷ୍ଟି ଓ ସହଯୋଗ, ସେମାନଙ୍କ ସାମାଜିକ ନିରାପତା କ୍ଷେତ୍ରରେ ମିଶନ ଶକ୍ତି ଯେ ବିଫଳ ହୋଇଛି, ଏକଥା ମହିଳାମାନେ ପ୍ରକାଶ କରିଥିଲେ। ଉତରରେ ଶ୍ରୀ ଶରତ ପଟ୍ଟନାୟକ କହିଲେ ଯେ ମହିଳାମାନଙ୍କୁ ବିଜେଡ଼ି ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଦୁର୍ଭାଗ୍ୟଜନକ। କଂଗ୍ରେସହିଁ ମହିଳାମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ମହିଳା ଗ୍ରୁପ ଗଠନ କାର୍ଯ୍ୟ ଆରମ୍ଭ କରିଥିଲେ ଯାହା ଆଜି ପଥଭ୍ରଷ୍ଟ। ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନେତା ଶ୍ରୀ ନବଜ୍ୟୋତି ପଟ୍ଟନାୟକ ମହିଳାମାନଙ୍କୁ ରାଜନୀତିରୁ ଉର୍ଦ୍ଧ୍ୱକୁ ଯାଇ ନିଜର ବିକାଶ ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପଙ୍କା ପାରମିତା, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସା ସେନାପତି, ପ୍ରତିମା ପଣ୍ଡା, ଅଳି ପ୍ରଧାନ, ଜୟ'ୀ ନାୟକ, ପୁଷ୍ପାଳି ପଣ୍ଡ, ବର୍ଷାରାଣୀ ନାୟକ, ଦମୟ'ୀ ମହାଁ, ଅଳି ପାତ୍ର, ପ୍ରିୟଙ୍କା ମିଶ୍ରୀ, ସବିତା ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ବିର୍ଲା ଟାୟାର୍ସର ଛଟେଇ କର୍ମଚାରୀମାନଙ୍କ ସହିତ ଶ୍ରୀ ପଟ୍ଟନାୟକ ଆଲୋଚନା କରିଥିଲେ। ବିର୍ଲା ଟାୟାର୍ସ କମ୍ପାନୀ ବନ୍ଦ ହେବା ଓ ୩୦ ମାସ ଧରି ସେମାନେ ଦରମା ନପାଇବା ଜାଣି ସେ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗକୁ ଆସ'ା ବିଧାନସଭା ଅଧିବେଶନ ବେଳେ କଂଗ୍ରେସର ବିଧାୟକ ମାନେ ଉପସ୍ଥାପିତ କରିବା ସହିତ ଶ୍ରମିକ ମାନଙ୍କ ଆନ୍ଦୋଳନ ପାଇଁ ସହଯୋଗ ଦେବ ବୋଲି ସେ କହିଥିଲେ। ବିର୍ଲା ଟାୟାର୍ସର କର୍ମଚାରୀମାନଙ୍କ ପକ୍ଷରୁ ଶ୍ରୀ ରବି ନାରାୟଣ ପ୍ରଧାନ, ଶ୍ରୀକା' ଦଳେଇ, ଉଦୟଭାନୁ ନାୟକ, ଦୀପକ ନାୟକ, ରଶ୍ମିରନ ରାଉତ, ମାନସ ପଣ୍ଡା, ଦୀପକ ପଣ୍ଡା, ଗୁରୁ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସକାଳେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଜିଲ୍ଲା ସଭାପତି ସଂଜୀବ ଗିରି, ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନେତା ନବ ଜ୍ୟୋତି ପଟ୍ଟନାୟକ, ଝାଡ଼େଶ୍ୱରୀ ମନ୍ଦିର, ଭୁଜାଖିଆ ପିର, ବାପିଷ୍ଟ ଚର୍ଚ୍ଚ ପ୍ରମୁଖ ଧର୍ମପୀଠ ପରିଦର୍ଶନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ଗୌତମ ସାହୁ, ଅର୍ଚ୍ଚନା ନନ୍ଦୀ, ସୁଧାଂଶୁ ଜେନା, ବିକାଶ କୁମାର ଦାସ, ଗୋପୀନାଥ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

ଅବକାରୀ ବିଭାଗର ସମୀକ୍ଷା ବୈଠକ: ଗଞ୍ଜେଇ ଚାଷର ମୂଳୋତ୍ପାଟନ ପାଇଁ ରଣନୀତି ପ୍ରସ୍ତୁତ

ଖୋର୍ଦ୍ଧା (ପିଏନ୍): ରାଜ୍ୟ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଭର୍ଜୁଆଲ ମୋଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରାଇମ୍ ବ୍ରାଂଚର ଅତିରିକ୍ତ ମହାନିର୍ଦ୍ଦେଶକ ଅରୁଣ କୁମାର ବୋଥ୍ରା ଏସ.ଟି.ଏଫ୍ ଡ଼ି.ଆଇ.ଜି ଜୟନାରାୟଣ ପଙ୍କଜ ଅବକାରୀ କମିଶନର ଦାୟିତ୍ୱରେ ଥିବା ରାମଚନ୍ଦ୍ର ପାଲଟା, ଅବକାରୀ ବିଭାଗର ଅତିରିକ୍ତ ସଚିବ ସାଇଦତ ବିପ୍ଳବ କେଶରୀ ପ୍ରଧାନ, ଏନ.ସି.ପିର ଏସ.ପି ଗଜପତି ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, କୋରାପୁଟ, ମାଲକାନଗିରି, ସମ୍ବଲପୁର, ଅନୁଗୁଳ ଏବଂ ଦେବଗଡ଼ର ଏସପି ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକମାନେ ଉପସ୍ଥିତ ଥିଲେ। ବେଆଇନ ଗଞ୍ଜେଇ ଚାଷର ମୂଳୋତ୍ପାଟନ କରିବା ଏବଂ ଆନ୍ତ ମନ୍ତ୍ରୀସ୍ତରୀୟ କମିଟିର ସୁପାରିଶକୁ କାର୍ଯ୍ୟକାରୀ କରିବା ଏବଂ ଏନ.ଡ଼ି.ପି.ଏସ୍ ଅଧିନିୟମ ଅନୁଯାୟୀ ଅପରାଧୀଙ୍କ ଗିରଫ ପାଇଁ ୨୦୨୨-୨୩ ଲାଗି ରଣନୀତି ପ୍ରସ୍ତୁତ କରିବା ସକାଶେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅବକାରୀ ବିଭାଗର ପ୍ରମୁଖ ସଚିବ ପ୍ରତ୍ୟେକ ଜିଲ୍ଲାରେ ଅନୁଷ୍ଠିତ ସମନ୍ୱୟ ବୈଠକର ସ୍ଥିତିର ସମୀକ୍ଷା କରିଥିଲେ ଏବଂ ଗୁଇନ୍ଦା ସୂଚନା ପାଇଁ ଡ଼ି.ଏଫ.ଓ ଏବଂ ଅନ୍ୟ ବିଭାଗର ଅଧିକାରୀମାନଙ୍କୁ ସାମିଲ କରିବାକୁ ଏବଂ ସର୍ଭେ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଗଞ୍ଜେଇ ଚାଷ ହେଉଥିବା ରାଜସ୍ୱ ଜମି ଜଙ୍ଗଲ ଜମି ଓ ଘରୋଇ ଜମି ସଂକ୍ରାନ୍ତରେ ରିପୋର୍ଟ ଦାଖଲ ପାଇଁ କହିଥିଲେ। ସେ ମଧ୍ୟ ଜିଲ୍ଲାପାଳମାନଙ୍କୁ ପଂଚାୟତରାଜ ସଦସ୍ୟ, ଗ୍ରାମସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ଗ୍ରାମ, ପଂଚାୟତ ସ୍ତରୀୟ

କମିଟି ଗଠନ କରିବାକୁ ଏବଂ ବେଆଇନ ଗଞ୍ଜେଇ ଚାଷ ତଥା ପରିବହନ ପାଇଁ ଏନ.ଡ଼ି.ପି.ଏସ୍ ଅଧିନିୟମରେ ଥିବା ଦଣ୍ଡବିଧାନ ବ୍ୟବସ୍ଥା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦେକ୍ଷପ ନେବାକୁ ପରାମର୍ଶ ଦେଇଥିଲେ। ଆଇ.ଏମ୍.ସିର ସୁପାରିଶ ଏବଂ ବିଭିନ୍ନ ସମ୍ପୃକ୍ତ ବିଭାଗ କର୍ତୃପକ୍ଷଙ୍କ ସହିତ ଜଡ଼ିତ ବିକଳ୍ପ ଜୀବିକା କାର୍ଯ୍ୟକ୍ରମ ସମ୍ବନ୍ଧରେ ୪.୧୦.୨୦୨୧ରେ ଆୟୋଜିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗ ଦର୍ଶିକା କାର୍ଯ୍ୟକାରୀ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। କ୍ରାଇବ୍ରାଂଚ ଏ.ଡ଼ି.ଜି ଦର୍ଶାଇଥିଲେ ଯେ, ପୋଲିସ, ଅବକାରୀ, ରାଜସ୍ୱ ଏବଂ ଜଙ୍ଗଲ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ଜିଲ୍ଲାପ୍ରଶାସନ ଦ୍ୱାରା ନିଆଯାଇଥିବା ଉପଯୁକ୍ତ ପଦକ୍ଷେପ ଯୋଗୁଁ ଅନୁଗୁଳ, ସମ୍ବଲପୁର ଏବଂ ଦେବଗଡ଼ ଜିଲ୍ଲାରେ ଗଞ୍ଜେଇ ଚାଷ ଯଥେଷ୍ଟ ହ୍ରାସ ପାଇଛି। ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ସେ ରିମୋର୍ଟ ସେନ୍‌ସିଂ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଚଳିତ ବର୍ଷ ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରିବା ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ ଯୋଗାଇ ଦେବାକୁ ନିଶ୍ଚିତ କରିଥିଲେ। ଏସ.ଟି.ଏଫ ଡ଼ି.ଆଇ.ଜି ରାଜ୍ୟରେ ବେଆଇନ ଗଞ୍ଜେଇ ଚାଷ ଏଥିସହ ଜଡ଼ିତ ଅପରାଧୀଙ୍କ ଗିରଫ ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ଗଞ୍ଜେଇ ଗଛ ଗୁଡ଼ିକର ବିନାଶ ଉପରେ ଅଧିକ ଧ୍ୟାନ ଦେବା ପାଇଁ କନ୍ଧମାଳ, ମାଲକାନଗିରି, ଗଜପତି, ରାୟଗଡ଼ା, ବୌଦ୍ଧ ଏବଂ କୋରାପୁଟର ଜିଲ୍ଲାପାଳ ଏବଂ ଏସ.ପି ମାନଙ୍କୁ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ପରାମର୍ଶ ଦେଇଥିଲେ।

ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ 'ଏ ମାଟିକୁ ନମସ୍କାର' ସଙ୍ଗୀତ ରିଲିଜ୍

ଭୁବନେଶ୍ୱର (ପିଏନ୍): କର୍କଟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଇଥିବା ସମାଜ ମଙ୍ଗଳ ହୁଣ୍ଡିର ହୁଣ୍ଡିଦାନ କାର୍ଯ୍ୟକ୍ରମ 'ଉତ୍କଳ ସାମ୍ବାଦିକ ସଂଘ' ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ବାପୁ ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଚଳଚ୍ଚିତ୍ର ଅଭିନେତା ରବି ମିଶ୍ର, ୱେବ୍ ମିଡ଼ିଆ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ସମାଜସେବୀ ତଥା ସ୍ତମ୍ଭକାର ଡା. ବନ୍ଦନା ହରିଚନ୍ଦନ, ସମାଜସେବୀ ସସ୍ମିତା ଦାସ, ଯୁବନେତା ଦିଲ୍ଲୀପ ସେନାପତି, ସମାଜସେବୀ ବାପି ମହାନ୍ତି, ସମାଜସେବୀ ଧୀରେନ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଆଗମନ ଅବସରରେ ତାଙ୍କ ଉପରେ ଏକ ସଙ୍ଗୀତ "ଏ ମାଟିକୁ ନମସ୍କାର"ର ଅଡ଼ିଓ ରିଲିଜ ହୋଇଥିଲା। ଜେବି ପ୍ରଡ଼କ୍‌ସନ୍ ପ୍ରସ୍ତୁତି ଏହି ଗୀତରେ ମୁନୁ ପାଗଳ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ଅର୍ପିତା ଚୌଧୁରୀ, ଗୀତ ଲେଖିଛନ୍ତି ନିର୍ମଳା ସାହୁ, ପ୍ରଯୋଜନା କରିଛିନ୍ତି ଶୀତୁ ଶିତେଶ। ସମାଜମଙ୍ଗଳ ହୁଣ୍ଡିରୁ ଆଦାୟ ମୋଟ ଅର୍ଥରାଶି ୧୭ ହଜାର ୯ ଶହ ପଞ୍ଚାନବେ ଟଙ୍କା ଅତିଥିମାନଙ୍କ ହସ୍ତରେ କର୍କଟ ପୀଡ଼ିତା ଶ୍ରୀମତୀ ବିସ୍ମିତା ଚୌଧୁରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ହୁଣ୍ଡି କାର୍ଯ୍ୟକ୍ରମ ମୋହିତ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ରକ୍ତଦାତା ତନ୍ମୟ ସାମନ୍ତରାୟ। ରୋହିତ ନାୟକ, ପ୍ରମୋଦ ପତି, ବିଜୟ ମଲ୍ଲିକ, ଜିତେନ୍ଦ୍ର ସାହୁ, ସରୋଜ ବିଶ୍ୱାଳ, ରୀନାରାଣୀ, ଜ୍ୟୋତି ପଣ୍ଡା, ଭୁବନାନନ୍ଦ ସାମନ୍ତ, ଚିତ୍ତରଞ୍ଜନ ଦାସ, ସୁରେନ୍ଦ୍ର, ରାଜ କୁମାର, ବିଶ୍ୱଜିତ, ଶିବୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

'ଗୀତାଞ୍ଜଳି'ର ୧୫ଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ପଞ୍ଚଦଶତମ ସାଂସ୍କୃତିକ ବାର୍ଷିକ ଉତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲକୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ସଭାପତି ଡ. ସୁଭାଷ ଚନ୍ଦ୍ର ମୁଖାର୍ଜୀ, ସାଧାରଣ ସମ୍ପାଦକ ତପନ କୁମାର ରାହା ପ୍ରମୁଖ ଯୋଗଦେବା ସହିତ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ କରିଆସିଥିବା ସହିତ ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିରବଚ୍ଛିନ୍ନ ଭାବେ ବିଭିନ୍ନ କାର୍ଯ୍ୟ କରିଆସିଛି। ଏହାସହିତ 'ଗୀତାଞ୍ଜଳି' ପକ୍ଷରୁ ସାଂସ୍କୃତିକ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ସମାଜକୁ ଭାଇଚାରାର ଏକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ - ୨୦୨୨ ଡ. ସଜଲେନ୍ଦୁ ମାଲକାର ଓ ଗୀତାଞ୍ଜଳି ପକ୍ଷରୁ ଶ୍ରୀମତୀ ସସ୍ମିତା ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ବେଙ୍ଗଲୀ ସଙ୍ଗୀତ ସନ୍ଧ୍ୟାରେ ବହୁ ଉଚ୍ଚକୋଟିର କଳାକାର ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ମହାନ୍ ଶିକ୍ଷାବିତ୍ ହରିହର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ପିଏନ୍): ପ୍ରାକ୍ତନ ଶିକ୍ଷକ, ବିଦ୍ୟାର୍ଥୀମାନଙ୍କ ପଥପ୍ରଦର୍ଶକ, ସମାଜସେବୀ ତଥା ମହାନ୍ ଶିକ୍ଷାବିତ୍ ସ୍ୱର୍ଗତଃ ହରିହରି ପ୍ରଧାନଙ୍କ ଏକାଦଶତମ ସ୍ମୃତିଚାରଣ ସଭା ବ୍ରହ୍ମେଶ୍ୱର ପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ମନୋଜ ପ୍ରଧାନ, ସୁକାନ୍ତି ପଣ୍ଡା, କବିତା, ସୂର୍ଯ୍ୟନାରାୟଣ ଉପସ୍ଥିତ ରହିବା ସହିତ ସ୍ୱର୍ଗତଃ ପ୍ରଧାନ ଜଣେ ଆଦର୍ଶ ଶିକ୍ଷାବିତ୍ ଭାବେ ଚିର ସ୍ମରଣୀୟ ରହିବେ ବୋଲି ମତ ବ୍ୟକ୍ତ କରିଥିଲେ। ତାଙ୍କ ଶିକ୍ଷକ ଜୀବନ, ସମାଜସେବା ଚିର ସ୍ମରଣୀୟ ହୋଇ ରହିବ ବୋଲି ସ୍ମୃତି ସଭାରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଅଧିବକ୍ତା ଅମୀୟ ଭୂଷଣ ଦାଶ, ସବିତା ଜେନା, ରାଜେଶ ସାମନ୍ତରାୟ, ମନୋରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସୁଧୀର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

ନାବାଳିକା ଅସଦାଚରଣ ମାମଲାରେ ଅଭିଯୁକ୍ତକୁ ତିନିବର୍ଷ ଜେଲ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ରଞ୍ଜନ କୁମାର ସୁତାର ଜନୈକା ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତ ସାରଦା ଶଙ୍କର ନାୟକ(୩୨)କୁ ତିନିବର୍ଷ ଜେଲ ଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଆନାଦାୟେ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ସଦର ଥାନା ଅନ୍ତର୍ଗତ ବର୍ଦ୍ଧନପୁର ଗ୍ରାମର ସାରଦା ଶଙ୍କର ନାୟକ ତାଙ୍କ ପଡ଼ୋଶୀ ନାବାଳିକା ପ୍ରତି ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ନାବାଳିକାର ବାପା ସଦର ଥାନାରେ ଅଭିଯୋଗ କରିଥଲେ। ଏହି ମାମଲାର ବିଚାର କରି ମାନ୍ୟବର ବିଚାରପତି ଅଭିଯୁକ୍ତ ସାରଦାକୁ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

୮ତମ ଶହୀଦ ସ୍ମାରକୀ ସ୍ମୃତିସଭା

ନୟାଗଡ଼ (ପିଏନ୍): ଏକାଅଶିତମ ପ୍ରଜାମଣ୍ଡଳ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସମାରୋହ ନୂଆଗାଁ ଓ ଥୁଆମୂଳଠାରେ ଅନୁଷ୍ଠିତ ହୋଇଯାଇଛି। ବିନୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅମୁଲ୍ୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ଗୋପୀନାଥ ନାୟକ, ବିଶ୍ୱନାଥ ସାହୁ ଯୋଗଦେଇ ଶହୀଦଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହେବାକୁ ବକ୍ତବ୍ୟ ରଖିବା ସହ ମୁଖ୍ୟବକ୍ତା ଚନ୍ଦ୍ର ବିଜୟ ମିଶ୍ର ଶହୀଦଙ୍କ ଆତ୍ମବଳିଦାନର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ଏଥିସହିତ ନୟାଗଡ଼ ସରକାରଙ୍କ ପକ୍ଷରୁ ଶହୀଦ ସ୍ମୃତିସ୍ତମ୍ଭ ପାଖେ ତୋପ ସଲାମି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯିବା ସହ 'ରଣଭୂଇଁ' ସମ୍ପାଦକ ବ୍ରଜବନ୍ଧୁ ପରିଡ଼ାଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା।

୧୩ ଫୁଟ୍ ଲମ୍ବର ଅହିରାଜ ସାପ ଉଦ୍ଧାର

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ସାପ ଧରାଳୀ କାର୍ତ୍ତିକ ସେଠୀ ସୋର କିଆନାଳିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ୧୩ ଫୁଟ ଲମ୍ବର ଏକ ବିରାଟକାୟ ଅହିରାଜ ସାପ ଉଦ୍ଧାର କରିଥିଲେ। ସୂଚନା ଅନୁସାରେ ସୋର କିଆନାଳିଆ ଗ୍ରାମର ପାକନ ନାୟକ ନିଜ ଘରପାଖ ବାଡ଼ି ସଫା କରୁଥିବା ସମୟରେ ଏକ ବିରାଟକାୟ ଅହିରାଜ ସାପ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖୁଣ୍ଟାପଟଣା ବନ ବିଭାଗର ବନପାଳ କିଶୋରଚନ୍ଦ୍ର ଭୂୟାଁ, ବନରକ୍ଷୀ ଫୁଲମଣି ମୁର୍ମୁ, ସବୁଜ ବାହିନୀ ସଦସ୍ୟ ଦେବେନ୍ଦ୍ର ରାଉତ, ବସନ୍ତ ସେଠୀ, ହରିହର ବେହେରା, ତ୍ରିଲୋଚନ ମଳିକ ପହଞ୍ଚି ବାଲେଶ୍ୱର ସାପଧରାଳି କାର୍ତ୍ତିକ ସେଠୀଙ୍କୁ ଫୋନ କରିଥିଲେ। କାର୍ତ୍

ମୋ ସହର

ଓଜେଏସ୍ ପରୀକ୍ଷାରେ କିସ୍ ଛାତ୍ରଙ୍କ ସଫଳତା

ଭୁବନେଶ୍ୱର,(ପି.ଏନ): ପ୍ରଥମ ଥର ଲାଗି କିସ୍‌ର ଛାତ୍ର ଓଡ଼ିଶା ବିଚାର ବିଭାଗୀୟ ସେବା (ଓଜେଏସ୍) ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ବିଚାର ବିଭାଗୀୟ ସେବା (ଓଜେଏସ୍) ୨୦୨୧ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଥିବା ବେଳେ ଏଥିରେ ମୋଟ ୫୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରେ ରହିଛନ୍ତି କିସ୍ ଛାତ୍ର ସାଧକ କାର୍ଯୀ। ସାଧକ ୪୫ ତମ ର୍ୟାଙ୍କରେ ରହି କିସ୍‌କୁ ଗୌରବ ଆଣି ଦେଇଛନ୍ତି। ସାଧକ ଗଜପତି ଜିଲ୍ଲାର ସଉରା ଜନଜାତି ପରିବାରର ପିଲା ହୋଇଥିବା ବେଳେ ୨୦୧୪ରେ ସେ କିସ୍‌ରେ ନାମ ଲେଖାଇଥିଲେ। କିସ୍‌ର ଛାତ୍ରଛାତ୍ରମାନେ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବିନା ଦେୟରେ ପାଠ ପଢ଼ିବାର ବ୍ୟବସ୍ଥା ରହିଛି। ସାଧକ କିସ୍‌ରୁ +୨ ଶେଷ କରିବା ପରେ କିଟ୍ ଲ ସ୍କୁଲ୍‌ରେ ୨୦୧୬ରେ ନାମ ଲେଖାଇଥିଲେ। ଗତବର୍ଷ ସେ ଆଇନ୍ ପଢ଼ା ଶେଷ କରିବା ପରେ ଓଜେଏସ୍ ପରୀକ୍ଷା ଦେଇଥିଲେ। ସାଧକଙ୍କ ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ କିସ୍‌ର ଛାତ୍ରଛାତ୍ରୀମାନେ ବିଚାର ବିଭାଗୀୟ ଅଧିକାରୀ ହେବାର ମୋର ଯେଉଁ ସ୍ୱପ୍ନ ଥିଲା ସାଧକ ଓଜେଏସ୍ ପାଇବା ପରେ ସେହି ସ୍ୱପ୍ନ ପୂରଣ ହୋଇଛି ବୋଲି କହିଛନ୍ତି। ପୂର୍ବରୁ କିସ୍‌ର ଛାତ୍ରଛାତ୍ରୀମାନେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଆସୁଥିବା ବେଳେ ପ୍ରଥମ ଥର ଲାଗି ଓଜେଏସ୍ ପରୀକ୍ଷାରେ ସାଧକ କୃତକାର୍ଯ୍ୟ ହୋଇଛନ୍ତି।

ଓଟିଡିସିରେ ମାଣ୍ଡିଆ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ପ୍ରତି ବର୍ଷ ନଭେମ୍ବର ୧୦ ତାରିଖ କୁ ମାଣ୍ଡିଆ ଦିବସ ପାଳନ କରିବା ନିମନ୍ତେ ଓଡିଶା ସରକାର ନିଷ୍ପତି ଦେଇଛନ୍ତି। ଆମ ରାଜ୍ୟ ରେ ଛୋଟ ଚାଷୀ, ଗରିବ ଆଦିବାସୀ ମାଣ୍ଡିଆ ଚାଷ କରିଥାନ୍ତି। ସେମାନଙ୍କ ଅବସ୍ଥା ରେ ଉନ୍ନତି ପାଇଁ ଓ ଲୋକ ମାନଙ୍କୁ ପୁଷ୍ଟି ଯୋଗାଣ ବିଷୟ କୁ ଧ୍ୟାନ ରେ ରଖି ମିଲେଟ ମିଶନ ଆରମ୍ଭ କରାଯାଇଛି। ଆମର ମିଲେଟ ମିଶନ ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛି। ଏହି ପେରିପ୍ରେକ୍ଷୀରେ ପାନ୍ଥନିବାସ ଭୁବନେଶ୍ୱର ପରିସରରେ ଓଟିଡିସି ଅଧକ୍ଷ ଡା. ଲେନିନ ମହାନ୍ତି ଙ୍କ ଉପସ୍ଥିତିରେ ମାଣ୍ଡିଆ ଦିବସ ପାଳନ କରାଯାଇଛି। ପାନ୍ଥନିବାସ ଦ୍ୱାରା ମାଣ୍ଡିଆ ରୁ ପ୍ରସ୍ତୁତ ବଟର ମିଲ୍କ, ସିଙ୍ଗଡ଼ା , ସୁପ, ସିଧା ମଣ୍ଡା, କାକରା, ଇଡଲି, କୁକିଜ୍ ଆଦି ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ କରାଯାଇଥିଲା।ଏହି ଅବସର ରେ ଓଟିଡିସିର ଜେନେରାଲ ମ୍ୟାନେଜର ଲଗ୍ନଜିତ ରାଉତ, ପାନ୍ଥନିବାସ ମ୍ୟାନେଜର କ୍ଷିତୀଶ କୁମାର ଦାସ, ସେଫ ମନ୍ଦରଧର ସାହୁ ଓ ଅନ୍ୟ କର୍ମଚାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନ ରେ ଏହା ଓଟିଡିସିର ସମସ୍ତ ପାନ୍ଥନିବାସ ରେ ଉପଲବ୍ଧ ହେବ।

ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କୁ ପ୍ରତାରିତ କରିଛନ୍ତି : କଂଗ୍ରେସ

ବାଲେଶ୍ୱର/ଭୁବନେଶ୍ୱର,(ପି.ଏନ): ଭାରତ ଯୋଡ ଓଡ଼ିଶା ପରିବର୍ତନ ଯାତ୍ରା ବାଲେଶ୍ୱର ରେ ପହଂଚିବା ପରେ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀ ରେ ବିଜେଡି ଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ବାଲେଶ୍ୱରବାସୀ ପ୍ରତାରିତ ହୋଇଛନ୍ତି। ଗତ ବାଲେଶ୍ୱର ସଦର ଉପନିର୍ବାଚନ ସମୟରେ ସେ ଲୋକଙ୍କୁ ଭୋଟ ମାଗିବାକୁ ଯାଇ କହିଥିଲେ,' ବାଲେଶ୍ୱର ବିକାଶର ଦାୟିତ୍ୱ ମୋର'। କିନ୍ତୁ ଆଜି ପର୍ଯ୍ୟନ୍ତ ଗୋଟିଏ ବୋଲି ବିକାଶ ମୂଳକ କାର୍ଯ୍ୟ ସେ କରିଛନ୍ତି ବୋଲି ନଜିର ନାହିଁ।କଂଗ୍ରେସ ସରକାର ସମୟରେ ବାଲେଶ୍ୱର ଜିଲ୍ଲା ବିକାଶର ଚିତ୍ରକୁ ଦେଖିଥିଲା। ଶିଳ୍ପ କ୍ଷେତ୍ରରେ ଜିଲ୍ଲା ବେଶ ଆଗୁସାର ହୋଇଥିଲା। ବିର୍ଲା ଟାୟାର୍ସ, ଇସ୍ପାତ ଏଲ୍ଲୋୟେଜ୍, ଇମାମୀ, ବାଲିଆପାଳ ରେ ସୂତାକଳ, ରୂପସା ରେ ଝୋଟ କଳ ଇତ୍ୟାଦି କଂଗ୍ରେସ ସମୟରେ ପ୍ରତିଷ୍ଠା ହୋଇଥିଲା। ମାତ୍ର ବିଜେଡି ସରକାର ସମୟରେ ସେ ସବୁ ବନ୍ଦ ହୋଇଗଲା। କୌଣସି ଗୋଟିଏ ବୋଲି ନୂଆ ଶିଳ୍ପ କାରଖାନା ପ୍ରତିଷ୍ଠା କରି ପରିଲେନାହିଁ ବିଜେଡି ବିଜେପି ର ଡବଲ ଇଞ୍ଜିନ ସରକାର। କେନ୍ଦ୍ରରେ ୟୁପିଏ ସରକାର ସମୟରେ ଏଠାରେ ଏମ୍ସ, ସିପେଟ୍, ନୋସି, ତଷମୁଳାଆ, ଜଳେଶ୍ୱର ଓ ସୋରୋ ଠାରେ ଉଡନ୍ତା ପୋଲ ଇତ୍ୟାଦି ଅନେକ କଥା କରାଯାଇଛି । ମାତ୍ର ରାଜ୍ୟରେ ବିଜେଡି ଓ କେନ୍ଦ୍ରର ବିଜେପି ସରକାର ସମୟରେ କୌଣସି ଗୋଟିଏ ସେମିତି ଆଖିଦୃଶିଆ କାର୍ଯ୍ୟ ହୋଇଛି କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ।ସୁବର୍ଣ୍ଣରେଖା ସଂସ୍କାର ଯୋଜନା ଶୀତଳ ଭଣ୍ଡାରରେ ପଡ଼ିଛି। ବାଲେଶ୍ୱର ମେଡିକାଲ କଲେଜ ଓ ହସପିଟାଲରେ ଅଭିଜ୍ଞ ଡାକ୍ତର ନାହାନ୍ତି କିମ୍ବା ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳୁ ନାହିଁ। ଜିଲ୍ଲାର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ମିଳୁ ନାହିଁ। ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମେତ ଜିଲ୍ଲାର ପ୍ରାୟ ସମସ୍ତ କଲେଜରେ ଆବଶ୍ୟକ ଅଧ୍ୟାପକ ଓ ପ୍ରାଧ୍ୟାପକ ନାହାନ୍ତି। ସ୍କୁଲ ଗୁଡିକରେ ଶିକ୍ଷକ ମରୁଡି। ଚାଷୀ ତାଙ୍କ ଉତ୍ପାଦିତ ଫସଲର ଉଚିତ ଦର ପାଉ ନାହାଁନ୍ତି।ବାଲେଶ୍ୱର କୁ ପୁଣି ଥରେ ଶିଳ୍ପ ସମୃଦ୍ଧ କରିବା, ପର୍ଯ୍ୟଟନ ଶିଳ୍ପ ଓ କୃଷି ଶିଳ୍ପ ର ବିକାଶ କରିବା, ବନ୍ଦ କଳ କାରଖାନା ଗୁଡ଼ିକୁ ଖୋଲିବା, ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ କରିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ଅବସ୍ଥାର ପରିବର୍ତନ ଆଣିବା ପାଇଁ କଂଗ୍ରେସ ସଂକଳ୍ପ କରିଛି । ଜିଲ୍ଲାବାସୀଙ୍କ ସହଯୋଗ ଏଥିପାଇଁ ସେ କାମନା କରିଥିଲେ ।ଆଜିର ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନେତା ନବ ଜ୍ୟୋତି ପଟ୍ଟନାୟକ, କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଜିଲ୍ଲା ସଭାପତି ସଂଜୀବ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ବାଲେଶ୍ୱର ସହର ପରିକ୍ରମା କରି ସରିଲା ପରେ ଏହି ପରିବର୍ତନ ଯାତ୍ରା କଳମା ନିକଟରେ ମୟୂରଭଞ୍ଜ ପ୍ରବେଶ କରିବ।

ଭାରତ ଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରା ନବମ ଦିନରେ ମୟୁରଭ ଜିଲ୍ଲାକୁ ପ୍ରବେଶ କଲା

ଭୁବନେଶ୍ୱର ,(ପି.ଏନ): ଆଜି ସକାଳେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ନବଦିନର ଭାରତଯୋଡ଼ ଯାତ୍ରା ବାଲେଶ୍ୱର ସହର ଉପକଣ୍ଠ କୋରଡ଼ା ଛକଠାରୁ ପ୍ରଥମ ପର୍ଯ୍ୟାୟ ପଦଯାତ୍ର ଆରମ୍ଭ ହେଲା। ଏହି ପଦଯାତ୍ରରେ ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡ. ଏ ଚେଲା କୁମାର ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ପତାକା ଦେଖାଇ ଆଜିର ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ବାଲେଶ୍ୱର ସହର ପରିକ୍ରମା କରି ହିମପୁରା ଛକଠାରେ ପ୍ରଥମ ପର୍ଯ୍ୟାୟ ପଦଯାତ୍ର ଶେଷ ହୋଇଥିଲା। ଏହି ପ୍ରଥମ ପର୍ଯ୍ୟାୟ ପଦଯାତ୍ରାରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ସୁରେଶ କୁମାର ରାଉତରାୟ, ଗଣେଶ୍ୱର ବେହେରା, ନବଜ୍ୟୋତି ପଟ୍ଟନାୟକ, ରାଜନ ଏକା ଏବଂ ବହୁ ମାନଗଣ୍ୟ ବ୍ୟକ୍ତି ଏହି ପଦଯାତ୍ରାରେ ଯୋଗଦେଇଥିଲେ। ଏହି ପଦଯାତ୍ରାରେ ବାଲେଶ୍ୱର ଜିଲ୍ଲାର ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଚିତରନ ଷଡ଼ଙ୍ଗୀ, ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ତରଫରୁ ପ୍ରତିଯୋଗିତା କରିଥିବା ସମସ୍ତ ବିଧାୟକ ପ୍ରାର୍ଥୀ, ବିଜନ ନାୟକ, ସୁଦର୍ଶନ ଦାସ, ସତ୍ୟଶିବ ସୁନ୍ଦର ଦାସ, ମନଜା ମରୀ ଦେବୀ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ଯେତେବେଳେ ଆସି ପୋଲିସ ଲାଇନ ଛକଠାରେ କଂଗ୍ରେସ ଦଳର ବହୁ ନେତୃବର୍ଗ ଶ୍ରୀଯୁକ୍ତ ପଟ୍ଟନାୟକ, ଡ. ଚେଲା କୁମାରଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ଭାରତ ଯୋଡ଼ ଯାତ୍ରୀଙ୍କୁ ସ୍ୱାଗତ କରିବା ସହିତ ପୁଷ୍ପମାଲ୍ୟ ଓ ଉତରୀୟ ପ୍ରଦାନ କରିଥିଲେ। ନିକଟବର୍ତୀ ଲକ୍ଷ୍ମୀନାରାୟଣ ମନ୍ଦିରରୁ ପୂଜକମାନେ ଚନ୍ଦନ ସିନ୍ଦୁର ଲଗାଇଥିଲେ। ଷ୍ଟେସନ ଛକଠାରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ଚେଲା କୁମାର, ନବଜ୍ୟୋତି ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀ ସଂଜିବ ଗିରି ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ଷ୍ଟେସନ ଛକଠାରେ ବହୁ କଂଗ୍ରେସ ନେତୃବର୍ଗ କଂଗ୍ରେସ ପ୍ରେମୀ, କର୍ମୀ, ନେତୃବର୍ଗ ତଥା ବାଲେଶ୍ୱର ଜିଲ୍ଲାର ବହୁ ଜନସାଧାରଣ ଭାରତଯୋଡ଼ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଫକୀର ମୋହନ ଗୋଲେଇଠାରେ ସଂକ୍ରାନ୍ତି ପୁରୁଷ ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତିରେ ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଡ. ଏ ଚେଲା କୁମାର, ନବଜ୍ୟୋତି ପଟ୍ଟନାୟକ ମାଲ୍ୟାର୍ପଣ କରିଥିଲେ। ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଏ ଧନ, ପାନ, ମିନର ସହର ଆଜି ୨୨ ବର୍ଷରେ ଏକ ଅପାରଗ ସରକାର ଯୋଗୁ ଆଜି ଶ୍ରୀହିନ କଂଗ୍ରେସ ଶାସନ ସମୟରେ ଏ ଜିଲ୍ଲା ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ଥିଲା। କିନ୍ତୁ ଆଜି ବିର୍ଲା ଟାୟାର୍ସ ବନ୍ଦ, ପୋଲାର ଲାଟେଜ, ବାଲେଶ୍ୱର ଆଲୋଏଜ, ଓଇଏଲ ଏବଂ ପଶୁକାରଖାନ ମଧ୍ୟ ବନ୍ଦ ହୋଇଯାଇଛି। ୨୨ ବର୍ଷ ଭିତରେ ନବୀନ ବାବୁ ଗୋଟିଏବି ନୂଆ କାରଖାନା ସ୍ଥାପନ କରିନାହାନ୍ତି। ଏ ଅଂଚଳର ଏମ୍ସ, ଆଇଟିଆଇ କଂଗ୍ରେସ ସରକାର ସମୟରେ ହୋଇଥିଲା। କିନ୍ତୁ ୮ ବର୍ଷର ବିଜେପି ଶାସନରେ ଏ ଜିଲ୍ଲାର ଏମ୍ସ ସାଟଲାଇଟି ସିଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଆଜି ଏ ଜିଲ୍ଲାର କୃଷକ, ଧାନର ଅଭାବିବିକ୍ରୀର ବଡ଼ ସମସ୍ୟାକୁ ସାମନା କରୁଛି। ଏ ଅଂଚଳର ଯୁବକ ଯୁବତୀ ଆଜି ବେରୋଜଗାର। ବାଲେଶ୍ୱର ସହର, ଉଚ୍ଚଶିକ୍ଷିତ ଜିଲ୍ଲା ହୋଇଥିଲେ ମଧ୍ୟ ଏ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଅର୍ଦ୍ଧାଧିକ ଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଛି। ସହଦବେ ଖୁଂଟା ଓଭରିବ୍ରିଜ ଠାରେ ଜଣେ ଶତାୟୁ ମହିଳା ଶ୍ରୀ ପଟ୍ଟନାୟକ ଏବଂ ଭାରତଯୋଡ଼ ଯାତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ବହୁ ସ୍କୁଲ ଛାତ୍ରଛାତ୍ରୀ ତଥା ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ଯୁବତୀ ଏ ଯାତ୍ରାରେ ସାମିଲ ହୋଇଥିଲେ। କୁନି କୁନି ପିଲାମାନେ ସର୍ବଧର୍ମ ସମନ୍ୱୟର ବିଭିନ୍ନ ପୋଷାକ ପିନ୍ଧି ଭାରତ ଯୋଡ଼ ଯାତ୍ରାରେ ସାମିଲ ହୋଇ ବହୁବାଟ ପଦଯାତ୍ରାରେ କରିଥିଲେ। କଚେରି ଛକଠାରେ ବହୁ ବୟଜ୍ୟେଷ୍ଠ ବାଲେଶ୍ୱର ଜିଲ୍ଲାର କଂଗ୍ରେସ ନେତା ତଥା ପ୍ରଜ୍ଞାପାରମିତା ମହାନ୍ତି ଶ୍ରୀ ଶରତ ପଟ୍ଟନାୟକ ଏବଂ ଡ ଏ ଚେଲ୍ଲା କୁମାରଙ୍କୁ ଧରି କାନ୍ଦିଲେ ଏବଂ କଂଗ୍ରେସ କିପରି ସୁଦୃଢ଼ ହେବ ଏବଂ କଂଗ୍ରେସ କିପିର ସରକାରକୁ ଫେରିବ ଏହା ତାଙ୍କର ଅନ୍ତିମ ଇଚ୍ଛା। ଶ୍ରୀ ପଟ୍ଟନାୟକ ଶ୍ରୀଯୁକ୍ତ ମହାନ୍ତିଙ୍କ ଦୁଇ ହାତକୁ ଧରି ଭାବବିହ୍ୱଳ ହୋଇ ପ୍ରତିଶ୍ରୁତି ଦେଇଥିଲେ ୨୦୨୪ ରେ କଂଗ୍ରେସ ନିଶ୍ଚିତ ଭାବେ ଶାସନ ଭାର ହାତକୁ ନେବେ। ଭାରତ ଯୋଡ଼ ଦ୍ୱିତୀୟ ପର୍ଯ୍ୟାୟ ଭିମପୁରାଠୁ ଆରମ୍ଭ ହୋଇ ମୟୁରଭ ଜିଲ୍ଲା କଳମା ଗେଟଠାରେ ପଂହଚିଲା। ଆସନ୍ତା କାଲି କଳମା ଗେଟରୁ ବାହାରି ବେତନଟୀ ଅଭିମୁଖେ ଯାତ୍ରା କରିବ। ଏହି ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ମାନସ ଚୌଧୁରୀ, ପ୍ରକାଶ ଜେନା, ମନୋଜ ବିଶ୍ୱାଳ, ସଂଜୟ ତ୍ରିପାଠୀ, ସନତ ଦାସ, ବାଙ୍କନିଧି ବେହେରା, ହଳଧର ସେଠୀ, ଜିଆଉଲ ହକ, ବିସ୍ମୟ ମହାପାତ୍ର, ରଜନୀ ମହାନ୍ତି, ଗୌତମ ସାହୁ, ରନ ଦାସ, ସୁବ୍ରତ ମହାପାତ୍ର, ପଦ୍ମାକର ଗୁରୁ, ପ୍ରଦୀପ ମହାପାତ୍ର, ସତ୍ୟବ୍ରତ ନାୟକ, ବିଶ୍ୱଜିତ ଦାଶ, ବିଶ୍ୱ ମହାନ୍ତି, ବିଜନ ନାୟକ, କୈଳାସ ସାହୁ, ମହମ୍ମଦ ସାହାଦୁଲ୍ଲା, ଜ୍ଞାନ ପଟ୍ଟନାୟକ, ଅଶୋକ ଦାସ, ଶ୍ରୀୟାସ୍ମିତା ପଣ୍ଡା, ଜାନକୀ ମଲ୍ଲିକ, ବିଜନ ଦାସ, ସୌରଭ ପଟ୍ଟନାୟକ, ଦେବଦତ ଦାସ, ନିହାର ବେହେରା, ପ୍ରଜ୍ଞା ପରମିତା ମହାନ୍ତି, ପ୍ରଭାତ ପ୍ରତାପ ସିଂ, ଅରୁଣ ଜେନା, ମନୋଜ ସାହୁ, ନିତେଶ ବେହେରା, ଜୟକୃଷ୍ଣ ମଲ୍ଲିଆ, ଜୀବନ ମହାପାତ୍ର ପ୍ରମୁଖ ହଜାର ହଜାର କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ବୋଲି ଭାରତ ଯୋଡ଼ ଯାତ୍ରା - ଓଡ଼ିଶାନ୍ତର ମିଡିଆ ଇନଚାର୍ଜ ପ୍ରକାଶ ମିଶ୍ର ଜଣାଇଛନ୍ତି।

ସୁରଭି କାର୍ଯ୍ୟକ୍ରମ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,(ପି.ଏନ): ବିଦ୍ୟାଳୟ ଏବଂ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ତାଙ୍କ ଲୋକସେବା ଭବନ ସ୍ଥିତ କାର୍ଯ୍ୟାଳୟରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ନଭେମ୍ବର ମାସ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଯାଇଛି। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ, ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ମଧ୍ୟରେ ସକାରାତ୍ମକ ପ୍ରତିଯୋଗିତା ମନୋଭାବ ଆଣିବା ପାଇଁ ଚଳିତ ଶିକ୍ଷାବର୍ଷରୁ 'ଶିକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର' ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ବ୍ଲକ ଏବଂ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ପୁରସ୍କାର ମହୋତ୍ସବ ଆୟୋଜିତ ହେବ। ଏହି ପ୍ରତିଯୋଗିତା ମହୋତ୍ସବ ଜରିଆରେ ରାଜ୍ୟର ପ୍ରାୟ ୫୦ ହଜାର ଛାତ୍ରଛାତ୍ରୀ, ୧୫୦୦ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ତଥା ଶିକ୍ଷା ପରିଚାଳନାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହନ ଏବଂ ସମ୍ବର୍ଦ୍ଧନା ଦିଆଯିବ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୧୯୪୧ ବିଦ୍ୟାର୍ଥୀ ଏବଂ ୧୫୫୯ ଶିକ୍ଷକ/ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିବେ।ବୈଠକରେ ଓଡ଼ିଶା ସମଗ୍ର ଶିକ୍ଷା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ମାଧ୍ୟମିକ ବୋର୍ଡର ଅଧ୍ୟକ୍ଷ ରାମାସିସ ହାଜିରା, ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଖଗେନ୍ଦ୍ର କୁମାର ପାଢ଼ୀଙ୍କ ସମେତ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

ରାଇରଙ୍ଗପୁରଠାରେ ଜିଲ୍ଲପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ

ରାଇରଙ୍ଗପୁର,(ପି.ଏନ): ଆଜି ରାଇରଙ୍ଗପୁର ପୌରପାଳିକା ତରଫରୁ ନିର୍ମିତ ବିଭିନ୍ନ ଜନ କଲ୍ୟାଣକାରୀ ପ୍ରକଳ୍ପ ଗୁଡିକ ମୟୁରଭଞ୍ଜ ଜିଲ୍ଲପାଳଙ୍କ କରକମଳରେ ଶୁଭଉଦଘାଟନ ହୋଇଯାଇଛି। ଉକ୍ତ ଉଦଘାଟନୀ ଉତ୍ସବ ଅବସରରେ ଜିଲ୍ଲପାଳ ପୌରପାଳିକା ଅନ୍ତର୍ଗତ ପୁରୁଣାଘାଟି ଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ବସ ଷ୍ଟାଣ୍ଡ ନିକଟ ରେ ୨୨ ଗୋଟି ଦୋକାନ ଗୃହବିଶିଷ୍ଟ ଭେଣ୍ଡିଂ ଜୋନ,୫ କକ୍ଷ ବିଶିଷ୍ଟ ଯାତ୍ରୀ ନିବାସ, ନ୍ତପ୍ରୟାସ ନ୍ତଏକ ଗୁଡ଼ ଉଇଲ ବଜାର, ସତୀକୁଦର ଏବଂ ସରକାରୀ ଉଚ୍ଚବାଳିକା ବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନା ରେ ନିର୍ମିତ ୨ ଗୋଟି ମିନି ପାର୍କ ସମେତ ସରକାରୀ ଉଚ୍ଚ ବାଳିକା ରାସ୍ତା ପାର୍ଶ୍ୱ ରେ ମୁକ୍ତ ଆକାଶ ବ୍ୟାୟମ ଓ ଜିମ କେନ୍ଦ୍ରକୁ ଉଦଘାଟନ କରିବା ସହ ଜନସାଧାରଣଙ୍କ ଉଦ୍ଦେଶ୍ୟ ରେ ଲୋକାର୍ପଣ କରିଛନ୍ତି। ଅନୁଷ୍ଠିତ ଉକ୍ତ ଉଦଘାଟନୀ ଉତ୍ସବ ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୁପଭାନୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାମନଘାଟି ଉପଜିଲ୍ଲାପାଳ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରସମ୍ବଳ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Saturday November 12, 2022 ଭୁବନେଶ୍ୱର ଶନିବାର, ନଭେମ୍ବର ୧୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ପାଳିତ

ପାରାଦୀପ,(ପି.ଏନ): ସତର୍କତା ସଚେତନତା କାର୍ଯ୍ୟକ୍ରମ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ପାଳିତ ହୋଇଯାଇଛି । ଚଳିତ ମାସ ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୯ ତାରିଖ ଦିନ ଇଫକୋର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାକେଶ କାପୁର ଅନଲାଇନ୍ ମାଧ୍ୟମରେ ଇଫକୋର କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଇଫକୋର ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶକ ଆର୍.ପି.ସିଂ ଇଫକୋ ସତର୍କତା ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଇଫକୋର ଅଧ୍ୟକ୍ଷ ଦିଲ୍ଲେପ ସାଂଘାଇନୀଙ୍କ ବାର୍ତ୍ତା ପାଠ କରିଥିଲେ ମୁଖ୍ୟ ସତର୍କତା ଅଧିକାରୀ ରାଜ କୁମାର ନାଗପାଲ୍ । ୧୦ ତାରିଖ ଦିନ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀର । ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ ଏହି ସମାରୋହରେ ପୌରହିତ୍ୟ କରିଥିଲେ । ଇଫକୋ ସତର୍କତା ଅଧିକାରୀ ଅଜୟ ବାଜପେୟୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇଫକୋର ବରିଷ୍ଠ ପ୍ରବନ୍ଧକ ଏସ୍.ଡି.ଶର୍ମା, ପି.ଏସ୍.ନିଳାମ୍ବରନ୍, କେ.ଏମ୍.ରାଓ,ବି.କେ.ପରିଡା,ଇଫକୋ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ସୁବାଷିସ ମିଶ୍ରଙ୍କ ସମେତ ଇଫକୋ ଅଧିକାରୀ ସଂଘର ସଦସ୍ୟ, ଇଫକୋ କର୍ମଚାରୀ ସଂଘର ସଦସ୍ୟମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

ଘଷିପୁରାରେ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଘଷିପୁରା,(ପି.ଏନ):ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ କ୍ୟାରମ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ବଜାରରେ ପ୍ରଥମ ବାର୍ଷିକ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲରେ ଘଷିପୁରାର ଦାମୋଦର ସାହୁ,ଚିନ୍ତାମଣି ସାହୁ ଚାମ୍ପିଆନ୍ ହୋଇଥିବା ବେଳେ ଆନନ୍ଦପୁରର ସରୋଜ ସାହୁ, ଶରତ କୁମାର ସାହୁ ରନର୍ସଅପ୍ ହୋଇଥିଲେ । ଘଷିପୁରାର ସୁନୀଲ ସ୍ୱାଇଁ, ଅରୁଣ କୁମାର ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସନ୍ଧ୍ୟାରେ କ୍ରୀଡାବିତ୍ ବୁଲୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ମୁଖ୍ୟଅତିଥି, ଆନନ୍ଦପୁର ଅଗ୍ନିଶମ ଅଧିକାରୀ ପ୍ରତାପ ଚନ୍ଦ୍ର ସିଂହ, ଆନନ୍ଦପୁର ସମ୍ବାଦ ପ୍ରତିନିଧି ଶତ୍ରୁଘ୍ନ ସାହୁ, ଶୈଳରଙ୍ଗ କ୍ରୀଡାବିତ୍ ପ୍ରମୋଦ କୁମାର ସାହୁ, ଯୁବନେତା ଅଜୟ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଚାମ୍ପିଆନ୍, ରନର୍ସଅପ୍ ଓ ଅନ୍ୟ ବିଜେତା ମାନଙ୍କୁ ପୁରସ୍କୃତ କରିଥିଲେ ।

ସଞ୍ଚୟ ପକ୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

ବାଲେଶ୍ୱର ,(ପି.ଏନ): ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଗୁରୁବାର ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ସଞ୍ଚୟ ପକ୍ଷ ଉପଲକ୍ଷେ କନିଷ୍ଠ ଓ ବରିଷ୍ଠ ବର୍ଗରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଅଗ୍ରଓ୍ୱାଲା ସାମନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟଜ୍ୟୋତୀ କୋଇଲା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ପ୍ରଜ୍ଞା ପରାମିତା ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅମରନାଥ ଖଟୁଆ । ସେହିପରି ବରିଷ୍ଠ ବର୍ଗରେ ଖଇରା ମହାବିଦ୍ୟାଳୟର ସାବିତ୍ରୀ ମହାନ୍ତି ପ୍ରଥମ ସ୍ଥାନ କରିଥିଲା ବେଳେ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ତନୁଶ୍ରୀ ମୈକାପ ଦ୍ୱିତୀୟ ସ୍ଥାନ ଅଧିକାରୀ କରିଥିଲେ ଏବଂ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସତ୍ୟମ ଦାସ । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ରାସୀ ପ୍ରଥମ ରୁ ତୃତୀୟ ଯଥା କ୍ରମେ ୧୫୦୦ ଟଙ୍କା, ୧୦୦୦ ଟଙ୍କା ଏବଂ ୫୦୦ ଟଙ୍କା ସେମାନଙ୍କ ସଞ୍ଚୟ ଖାତାକୁ ପଠାଇବା ର ବ୍ୟବସ୍ଥା ରହିଛି ବୋଲି ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀଣୀ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶୁଭଶ୍ରୀ ମାନା, ତନପ୍ରିୟା ଦାସ ପରିଚାଳନା କରିଥିଲେ ।

ଓଡିଶା ମାଇନିଂ ସ୍କୁଲ ବିଭିନ୍ନ ବିଭାଗରେ ପ୍ରଥମ ଥର ପାଇଁ କରାଯାଇଥିବା ଅବଜେକ୍ଟିଭ୍ ପରୀକ୍ଷାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ

କେନ୍ଦୁଝର,(ପି.ଏନ):ଗତ ୮.୧୧.୨୨ରିଖ ଓଡିଶା ମାଇନିଂ ଇଞ୍ଜିନିୟରିଂ ସ୍କୁଲର ବିଭିନ୍ନ ବିଭାଗରେ ଆୟୋଜନ କରାଯାଇଥିବା ଅବଜେକ୍ଟିଭ୍ ଟେଷ୍ଟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନୀତ କରିବା ସହ ପୁରସ୍କୃତ କରାଯାଇଛି । ଏହି ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଦକ୍ଷତା ବିକାଶର ପ୍ରଧାନ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟରେ ନୈତିକତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଏତଦ୍ ବ୍ୟତୀତ ମହାତ୍ମା ଗାନ୍ଧୀ ଜାତୀୟ ଫେଲୋ ପୁଲକ ଚନ୍ଦନ ଜେନା ସଭାରେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ବିଷୟରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନ ରଞ୍ଜ ରାୟ ଗୋଟିଏ ସେମିଷ୍ଟାରରେ ଅନ୍ୟୁନ୍ୟ ୨ଟି ଟେଷ୍ଟ କରିବାକୁ ବିଭାଗୀୟ ମୁଖ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ ।

ଆନନ୍ଦପୁର ପୌରପରିଷଦରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ମାନସ ରନ ତ୍ରିପାଠୀ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌରପରିଷଦର କାର୍ଯ୍ୟ ନିର୍ବାହୀ ଲଳିତ କୁମାର ନାୟକଙ୍କ ଦେବଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସହକାରୀ ଜିଲ୍ଲାପାଳ ଭାବେ ବଦଳି ହେବାପରେ ଆଜି ଆନନ୍ଦପୁର ତହସିଲଦାର ମାନଓ ରନ ତ୍ରିପାଠୀ ପୂର୍ବରୁ ଥିବା ଲଳିତ କୁମାର ନାୟକଙ୍କ ଠାରୁ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଦାୟୀତ୍ୱ ଗ୍ରହଣ ପରେ ଆନନ୍ଦପୁର ପୌରପରିଷଦର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସନତ କର, ରଶ୍ମିତା ବାରିକ୍‌ଙ୍କ ସମେତ ସମସ୍ତ କାଉନ୍‌ସିଲରମାନେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ନୂତନ ଭାବେ ଦାୟୀତ୍ୱ ଗ୍ରହଣ କରିଥିବା ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରକାରଙ୍କ ବିଧିବ୍ୟବସ୍ଥା ଅନୁସାରେ ଲୋକମାନେ କିପରି ସେବା ପାଇପାରିବେ, ଆନନ୍ଦପୁର ପୌରପରିଷଦର ଉନ୍ନତି ଏବଂ ରହିଯାଇଥିବା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ସ୍ନିଗ୍ଧା ଏକାଡେମୀ ପକ୍ଷରୁ ରାଜ୍ୟ ସ୍ତରୀୟ ମେଗା ପ୍ରତିଯୋଗୀତା

ଭୁବନେଶ୍ୱର,(ପି.ଏନ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସ୍ନିଗ୍ଧା ଏକାଡେମୀ ତରଫରୁ ଆସନ୍ତା ୧୩ ତାରିଖ ଦିନ ଶିଶୁ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ଏକ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହେଉଛି । ଏହି ପ୍ରତିଯୋଗୀତା ପାଇଁ ଏବେ ସୁଧା ହଜାର ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପିକରଣ କରିସାରିଲେଣି । ତିନୋଟି ବର୍ଗରେ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଏଥିରେ ତିନୋଟି ବିଭାଗ ରଖାଯାଇଛି । ଗ୍ରୁପ-୧ ରେ ଏଲକେଜି ଓ ୟୁକେଜି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ହସ୍ତାକ୍ଷର କ୍ୟାସିଓ ବାଦନ ଓ ମର୍ଡନ ଡ୍ୟାନ୍ସ ଆଦି ପ୍ରତିଯୋଗୀତା ରହିଥିବା ବେଳେ ଗ୍ରୁପ-୨ ରେ ପ୍ରଥମ ଶ୍ରେଣୀରୁ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ କ୍ୟାସିଓ ବାଦନ, ସଙ୍ଗୀତ (ଭଜନ ଓ ଦେଶାତ୍ମବୋଧ), ଓଡିଶୀ ନୃତ୍ୟ ଓ ମର୍ଡନ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ସେହିପରି ଗ୍ରୁପ-୩ ରେ ତୃତୀୟ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୱିଜ୍, ବକ୍ତୃତା, ଦୃତ ଗଣିତ ଲିଖିନ, କ୍ୟାସିଓ ବାଦନ, ସଙ୍ଗୀତ ଚିତ୍ରାଙ୍କନ, ଓଡିଶୀ ନୃତ୍ୟ ଓ ମର୍ଡନ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଗ୍ରୁପ-୪ ରେ ଚତୁର୍ଥ ଶ୍ରେଣୀରୁ ପଂଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୱିଜ୍, ତର୍କ, ବକ୍ତୃତା, ଦୃତ ଗଣିତ ଲିଖିନ, କ୍ୟାସିଓ ବାଦନ, ସଙ୍ଗୀତ ଚିତ୍ରାଙ୍କନ, ଓଡିଶୀ ନୃତ୍ୟ ଓ ମର୍ଡନ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହେବା ବେଳେ ଗ୍ରୁପ-୫ ରେ ସପ୍ତମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୱିଜ୍, ତର୍କ, ବକ୍ତୃତା, ଦୃତ ଗଣିତ ଲିଖିନ, ସଙ୍ଗୀତ, ଚିତ୍ରାଙ୍କନ, ଓଡିଶୀ ନୃତ୍ୟ ଓ ମର୍ଡନ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଗ୍ରୁପ-୬ରେ ନବମ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୱିଜ୍, ତର୍କ, ବକ୍ତୃତା, ଦୃତ ଗଣିତ ଲିଖିନ, କ୍ୟାସିଓ ବାଦନ, ସଙ୍ଗୀତ ଚିତ୍ରାଙ୍କନ, ଓଡିଶୀ ନୃତ୍ୟ ଓ ମର୍ଡନ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଏହିସବୁ ପ୍ରତିଯୋଗୀତା ପାଇଁ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଏବଂ କଟକ ସ୍ଥିତ ସିଡିଏ ଡିଏଭି ପବ୍ଲିକ ସ୍କୁଲ କେନ୍ଦ୍ର କରାଯାଇଛି । ଆସନ୍ତା ଡିସେମ୍ବର ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ନିଗ୍ଧା ଏକାଡେମୀ ବାର୍ଷିକ ଉତ୍ସବରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ।

ଡିସେମ୍ବର ୧୮ ରୁ ୨୨ ପର୍ଯ୍ୟନ୍ତ ଗୋନାସିକା-କେନ୍ଦୁଝର ମହୋତ୍ସବ ଓ ଡିସେମ୍ବର ୧୮ ରୁ ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା: ପ୍ରସ୍ତୁତି ଆରମ୍ଭ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଗାମୀ ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ କାଳୀପଡିଆ ଠାରେ ୦୫ ଦିନ ବ୍ୟାପୀ ଗୋନାସିକା କେନ୍ଦୁଝର ମହୋତ୍ସବ ଓ ଡିସେମ୍ବର ୧୮ ରୁ ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଅବସରରେ ଚଳିତ ନଭେମ୍ବର ୧୧ ତାରିଖ ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ପିଏ ଆଇ.ଟି.ଡି.ଏ. କେନ୍ଦୁଝର ତପନ କୁମାର ନାଏକ, ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱନୀ ରାଉତ, ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ଓ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ମହୋତ୍ସବ ଓ ପିଲ୍ଲିଶ୍ରୀ ମେଳାକୁ କିପରି ସରସ ସୁନ୍ଦର କରାଯିବ ସେ ସଂପର୍କରେ ମତ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଗୋନାସିକା-କେନ୍ଦୁଝର ମହୋତ୍ସବ କେନ୍ଦୁଝର ଜିଲ୍ଲାର ଲୋକ ଉତ୍ସବ । ମହୋତ୍ସବ ସହିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟ ଓ ପରମ୍ପରାର ପ୍ରତିଲିପି ହେବା ସହିତ ଏହାର ପ୍ରଚାର ପ୍ରସାର ଦିଗରେ ସହାୟକ ହେବ ଏବଂ ରାଜ୍ୟ ତଥା ଦେଶର ବିଭିନ୍ନ ଅଂଚଳର ସଂସ୍କୃତିର ସମାଗମ ଘଟିବ । ଏଣୁ ଏହାର ସଫଳତା ପାଇଁ ସମସ୍ତେ ସ୍ୱତଃପ୍ରବୃତ ଭାବେ ସହଯୋଗ କରିବାକୁ ନିବେଦନ କରିଥିଲେ । ନିଷ୍ପତି ଅନୁଯାୟୀ ଗୋନାସିକା-କେନ୍ଦୁଝର ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ ଅବସରରେ ସାଂସ୍କୃତିକ ସମାରୋହରେ ଜିଲ୍ଲାର ବିଭିନ୍ନ ଅଂଚଳ, ରାଜ୍ୟର ବିଭିନ୍ନ ଜିଲ୍ଲାର ଏବଂ ଦେଶର ବିଭିନ୍ନ ରାଜ୍ୟର ଲୋକକଳା ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବାକୁ ନିଷ୍ପତି ନିଆଯାଇଛି । ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଜିଲ୍ଲା, ରାଜ୍ୟ ତଥା ଦେଶର ଶିଳ୍ପୀ, କାରିଗର ଅଂଶଗ୍ରହଣ କରିବେ । ଏହି ଅବସରରେ ଖାଦ୍ୟମେଳା, କବି ସମ୍ମିଳନୀ, ପୁସ୍ତକମେଳା, ପୁଷ୍ପ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ ବୋଲି ସ୍ଥିରିକୃତ ହୋଇଛି । ଜିଲ୍ଲାର ବିଭିନ୍ନ ପବିତ୍ର ସ୍ଥାନମାନଙ୍କରେ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ଜିଲ୍ଲା ସଦର ମହକୁମାସ୍ଥ ମହୋତ୍ସବ ସ୍ଥଳକୁ ଆସିବ ବୋଲି ନିଷ୍ପତି ନିଆଯାଇଛି । ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୁଆୟୋଜନ ଓ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଯଥା ସାଂସ୍କୃତିକ ମଣ୍ଡପ ନିର୍ମାଣ, ଷ୍ଟଲ୍ ନିର୍ମାଣ, ଆଲୋକ ବ୍ୟବସ୍ଥା, ସୁରକ୍ଷା ଓ ନିରାପତା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ସଫାସୁତୁରା, ଅତିଥି କଳାକାରମାନଙ୍କ ପାଇଁ ଅଭ୍ୟର୍ଥନା, ଖାଦ୍ୟ ବ୍ୟବସ୍ଥା ଓ ରହଣି ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିରାପତା ବ୍ୟବସ୍ଥା, ସ୍ମରଣିକା ପ୍ରକାଶନ ଏବଂ ଅର୍ଥ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଉଦ୍‌ଘାଟନୀ ସମାରୋହ ଓ ଉଦ୍‌ଯାପନୀ ସମାରୋହ ତଥା ମହୋତ୍ସବର ଅନ୍ୟ ଦିନ ପାଇଁ ଅତିଥି ଆମନ୍ତ୍ରଣ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ସୁଆୟୋଜନ ଓ ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଯଥା ଗ୍ରାଉଣ୍ଡ୍ ଓ ଷ୍ଟେଜ୍ କମିଟି, ସାଂସ୍କୃତିକ କମିଟି, ଅଭ୍ୟର୍ଥନା କମିଟି, ପୁସ୍ତକମେଳା କମିଟି, ପ୍ରଚାର କମିଟି, ଅର୍ଥ କମିଟି ଏବଂ ଷ୍ଟିୟରିଂ କମିଟି ଗଠନ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray